ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.304 Bhubaneswar Friday January 20 2023 | ୨୫ତମ ବର୍ଷ | ସଂଖ୍ୟା-୩୦୪ | ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୦, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS



ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମରେ ପୁରୁଷ ବିଶ୍ୱକପ୍ ହକି-୨୦୨୩ ପ୍ରତିଯୋଗୀତାରେ ଭାରତ ୱେଲ୍ସକୁ ୪-୨ରେ ହରାଇ ପୁଲ୍ ଡି ଫାଇନାଲରେ ପ୍ରବେଶ

## ୩୬ ବ୍ଲକରେ ନୂଆ ବିଡିଓ, ୧୬ ଓଏଏସଙ୍କୁ ଫେରାଇ ଦେଲା ପଂଚ୍ୟାୟତିରାଜ ବିଭାଗ

ଭୁବନେଶ୍ୱର,୧୯।୧(ପି.ଏନ): ୭୯ଟି ତହସିଲରେ ନୂଆ ତହସିଲଦାରଙ୍କୁ ନିଯୁକ୍ତି ସହ ମୋଟ ୧୬୯ଜଣ ଓଏଏସ୍ ଅଫିସରଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ବଦଳି କରିଥିବାବେଳେ ପଂଚ୍ୟାୟତିରାଜ ବିଭାଗ ଦ୍ୱାରା ୩୬ଟି ବ୍ଲକରେ ଆଜି ନୂଆ ବିଡିଓଙ୍କୁ ନିଯୁକ୍ତି ଦିଆଯାଇଛି। ଏହାସହିତ ବିଡିଓ ଭାବେ କାର୍ଯ୍ୟରତ ୧୬ଜଣ ଓଏଏସ୍ ଅଫିସରଙ୍କୁ ସେମାନଙ୍କର ମୂଳ ରାଜସ୍ୱ ବିଭାଗକୁ ଫେରାଇ ଦିଆଯାଇଛି । ଆଜି ପଂଚ୍ୟାୟତିରାଜ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଏଏସ୍ ସ୍ୱପ୍ନାନିତା ନାୟକଙ୍କୁ ହରଭଙ୍ଗା ବ୍ଲକ ବିଡିଓ,ଉଲ୍ଲାସ କୁମାର ସେଠୀ ନିଆଳି ବିଡିଓ, ଚିତ୍ତରଞ୍ଜନ ଦାସଙ୍କୁ ଦିଗପହଣ୍ଡି ବିଡିଓ, ବିକ୍ରମ କୁମାର ଦୋରା ଖଲ୍ଲିକୋଟ ବିଡିଓ, ଜୟଦେବ ଦାସ କେ.ନୂଆଗାଁ ବିଡିଓ, ଲକ୍ଷ୍ମଣ ସୋରେନ ତୁମୁଡିବନ୍ଧ ବିଡିଓ, ଶୁଭ୍ରାଂଶୁ ସାହୁଙ୍କୁ ପଟ୍ଟାମୁଣ୍ଡାଇ ବିଡିଓ, ଦେବବ୍ୟାସ ଭୋଇଙ୍କୁ କୋରାକୁଣ୍ଡା ବିଡିଓ, କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ନନ୍ଦାହାଣ୍ଡି ବିଡିଓ, ଶରତ ମଲ୍ଲିକଙ୍କୁ ବାଙ୍ଗିରିପୋଷି ବିଡିଓ, ଆଶୀଷ ତ୍ରିପାଠୀଙ୍କୁ କୋଷାମଗୁଣ୍ଡା ବିଡିଓ, ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କୁ ଜି.ଉଦୟଗିରି ବିଡିଓ, ପ୍ରଦୀପ କୁମାର ସାହୁଙ୍କୁ ଆଠଗଡ ବିଡିଓ, ସାଗର ପାଲୋଙ୍କୁ କଣ୍ଟାପଡା ବିଡିଓ, ମନୋଜ କୁମାର ପାଣିଗ୍ରାହୀ ତେନ୍ତୁଳିଖୁଂଟା ବିଡିଓ, ଜୟକୃଷ୍ଣ ପାତ୍ର ମୋରଡା ବିଡିଓ, ଦାଶରଥୀ ଜେନା ଡେରାବିଶ ବିଡିଓ, ଦୁଲାରାମ ମାରାଣ୍ଡି ହରିଚନ୍ଦନପୁର ବିଡିଓ, ଜର୍ଜ ତୁଙ୍ଗଡୁଙ୍ଗ ସୁଲିଆପଡା ବିଡିଓ, ସୁନୀଲ ଖୋରା କଲ୍ୟାଣସିଂହପୁର ବିଡିଓ, ପ୍ରୀତମ କୁମାର ତନ୍ତୀ ମୁନିଗୁଡା ବିଡିଓ, ଡଃ ଇପସିତା ପାତ୍ର ବଲାଙ୍ଗିର ବିଡିଓ, କରିସ୍ମା ବେସ୍ରା ଗୁଣୁପୁର ବିଡିଓ, ସତ୍ୟଜିତ ମହାନ୍ତ ବସ୍ତା ବିଡିଓ, ପୃଥ୍ୱୀରାଜ ପରିଡା ସିମୂଳିଆ ବିଡିଓ, ରାହୁଲ ମଣ୍ଡଳ ନୀଳଗିରି ବିଡିଓ, ଧନାଇ ଚରଣ ଟୁଟୁ କୁସୁମି ବିଡିଓ, ଅନୁରାଗ ମିଶ୍ର ଲହୁଣୀପଡା ବିଡିଓ, ସୁରେନ୍ଦ୍ରନାଥ ସାହୁ ଆଳି ବିଡିଓ, ଲୋକନାଥ ଶବର ନୂଆଗଡା ବିଡିଓ, ଦୁର୍ଯ୍ୟୋଧନ ଭୋଇ ପାଇକମାଳ ବିଡିଓ, ରାମକୃଷ୍ଣ ମିଶ୍ର ଝାରବନ୍ଧ ବିଡିଓ, ଲାବଣ୍ୟେନ୍ଦୁ ମହାନ୍ତି ତେଲାଙ୍ଗ ବିଡିଓ, ନମିତା ବାରିକ ତିହିଡି ବିଡିଓ ସୁଶାନ୍ତ କୁମାର ବରାଳ ବରୀ ବିଡିଓ ଓ ସନ୍ତୋଷ କୁମାର ଜେନାଙ୍କୁ ଓଡଗାଁ ବିଡିଓ ଭାବେ ବଦଳି କରାଯାଇଛି ।




## ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲା : ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁ ଗିରଫ

ନୂଆପଡ଼ା,୧୯।୧(ପି.ଏନ): ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲାରେ ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁଙ୍କୁ ଗିରଫ କରିଛି ଭିଜିଲାନ୍ସ । ସେ ଆୟ ଠାରୁ ୧୦୬ ପ୍ରତିଶତ ଅଧିକ ସମ୍ପତି ଠୁଳ କରିଥିବା ତଦନ୍ତରୁ ଜାଣିବାକୁ ପାଇଛି ଭିଜିଲାନ୍ସ । ଗତ ୧୭ ତାରିଖରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କର ଚାରି ଗୋଟି ସ୍ଥାନ ଯଥା ଖଡ଼ିଆଳ ସ୍ଥିତ ସରକାରୀ ବାସଭବନ, ବଲାଙ୍ଗୀର ଜିଲ୍ଲାର ଲୋଇସିଙ୍ଗା କୁସମେଲରେ ଥିବା ପୈତୃକ ଘର ଏବଂ ବଲାଙ୍ଗିର ସଦର ସହ ବିଡ଼ିଓଙ୍କ ପୁଅ କାର୍ଯ୍ୟ କରୁଥିବା ବରଗଡ଼ ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଥିଲା । ଭିଜିଲାନ୍ସ ବିଭାଗ କଳାହାଣ୍ଡି, ବଲାଙ୍ଗୀର ଏବଂ ବରଗଡ଼ ପକ୍ଷରୁ ମିଳିତ ଭାବରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ତାଙ୍କର ବିପୁଳ ସମ୍ପତି ଠାବ କରାଯାଇଥିଲା ।

## ଆସନ୍ତାକାଲି ଭୁବନେଶ୍ୱରରେ ନିଯୁକ୍ତିପତ୍ର ବାଂଟିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୯।୧(ପି.ଏନ): ଆସନ୍ତାକାଲି (ଶୁକ୍ରବାର) ଓଡ଼ିଶାରେ ଚଳିତ ବର୍ଷର ପ୍ରଥମ ରୋଜଗାର ମେଳା ଅନୁଷ୍ଠିତ ହେବ। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ସିଏସଆଇଆର-ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଏମଏମଟି)ରେ ଆୟୋଜିତ ହେବାକୁ ଥିବା ରୋଜଗାର ମେଳାରେ ଯୋଗ୍ୟ ମନୋନୀତ ପ୍ରାର୍ଥୀମାନଙ୍କୁ ସରକାରୀ ଚାକିରିର ନିଯୁକ୍ତିପତ୍ର ବାଂଟିବେ। ଏମାନଙ୍କୁ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ନିଯୁକ୍ତି ମିଳିବ। ସୂଚନାଯୋଗ୍ୟ ଯେ ଦେଶର ୧୦ ଲକ୍ଷରୁ ଅଧିକ ଲୋକଙ୍କୁ ଚାକିରି ଦେବା ଲାଗି ଗତ ଅକ୍ଟୋବର ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୋଜଗାର ମେଳାର ଶୁଭାରମ୍ଭ କରିଥିଲେ। ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ସହରରେ ରୋଜଗାର ମେଳାମାନ ଆୟୋଜନ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ଭାରତ ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ଖାଲି ରହିଥିବା ଅନୁମୋଦିତ ପଦବୀ ପୂରଣ କରିବା ଲାଗି ମିଶନ ମୋଡରେ କାମ କରୁଛନ୍ତି।

## ଦେଶରେ ଗତ ୨୪ ଘଂଟାରେ କରୋନାର ୧୩୪ଟି ନୂଆ ମାମଲା

ନୂଆଦିଲ୍ଲୀ, ୧୯।୧(ପି.ଏନ): ଦେଶରେ ଗତ ୨୪ ଘଂଟା ମଧ୍ୟରେ କରୋନା ସଂକ୍ରମିତଙ୍କ ୧୩୪ଟି ନୂଆ ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୧୭୦ ଜଣ ସୁସ୍ଥ ହୋଇଥିବା ଜଣା ପଡିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଦିନ ଜାରୀ କରାଯାଇଥିବା ସୂଚନା ଅନୁସାରେ ବର୍ତ୍ତମାନ ଦେଶରେ କରୋନାର ମୋଟ ୧୯୬୨ଟି ସକ୍ରିୟ ମାମଲା ରହିଛି। ଗତ ୨୪ ଘଂଟା ମଧ୍ୟରେ ସାରା ଦେଶରେ ୧.୮୦ ଲକ୍ଷ ନମୁନାର ପରୀକ୍ଷା କରାଯାଇଛି ।

## ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡ଼ି ଦୃଶ୍ୟମାନ

ଭୁବନେଶ୍ୱର, ୧୯।୧(ପି.ଏନ): ଆଜି ସକାଳେ ରାଜ୍ୟର କେତେକ ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳିଛି ।ନୟାଗଡ଼, କଟକ, ଅନୁଗୁଳ, ଫୁଲବାଣୀ ଏବଂ ବଲାଙ୍ଗିରରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଛି । ନୟାଗଡ଼ରେ ଏହାର ଦୃଶ୍ୟମାନ ଦୂରତା ୭୫ ମିଟର ରହିଥିବା ବେଳେ କଟକରେ ୧୦୦ ମିଟର, ଅନୁଗୁଳରେ ୧୦୦ ମିଟର, ଫୁଲବାଣୀରେ ୧୦୦ ମିଟର ଏବଂ ବଲାଙ୍ଗିରରେ ୧୫୦ ମିଟର ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ଓଲଟିଲା ବସ୍, ୧୫ ଆହତ

ପଟ୍ଟାମୁଣ୍ଡାଇ,୧୯।୧(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଓ ଆଳି ଅଂଚଳରେ ଏକ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ 'ଦୟାଲ' ନାମକ ଏକ ବସ୍ ନଂ ଓଆର୦୫- ଜି୧୮୮୨ ଆଜି ସକାଳେ ପ୍ରାୟ ୪୦ ଜଣ ଶ୍ରମିକଙ୍କୁ ନେଇ ଯାଉଥିବା ବେଳେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ରାଜକନିକା ଗଞ୍ଜାଘାଟ ଠାରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ବସ୍ ରେ ଥିବା ୪୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ମଧ୍ୟରୁ ୧୫ ଜଣ ଆହତ ହୋଇଥିଲେ । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ତନ୍ମଧ୍ୟରୁ ତିନି ଗୁରୁତରଙ୍କୁ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏପରି ବେପରୁଆ ଗାଡି ଚାଳନା ଏବଂ ଟ୍ରାଫିକ ନିୟନ୍ତ୍ରଣର ଅଭାବ ହେତୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ତଥା ସାଧାରଣ ଲୋକ କହିଛନ୍ତି । ସୂଚନାଯୋଗ୍ୟ, ଗତ ୪ ତାରିଖରେ ଏହି ରାସ୍ତାର ଆଳି ସିଙ୍ଗିରି ଠାରେ ଡ୍ରାଇଭରର ବେପରୁଆ ଗାଡିଚାଳନା ପାଇଁ ଏକ ବସ୍ ଓଲଟି ଥିଲା ।

## ଫିଲ୍ମ ଅଭିନେତ୍ରୀ ରାଖୀ ସାବନ୍ତ ଗିରଫ

ମୁମ୍ବାଇ, ୧୯।୧(ପି.ଏନ): ଫିଲ୍ମ ଅଭିନେତ୍ରୀ ରାଖୀ ସାବନ୍ତଙ୍କୁ ଅମ୍ବୋଲ ପୋଲିସ୍ ଷ୍ଟେସନର ଟିମ୍ ମଣ୍ଡଳ ଶର୍ଲିନ ଚୋପଡ଼ା ବିଷୟରେ ଏକ ଆପତିଜନକ ବୟାନ ଦେବା ମାମଲାରେ ଗୁରୁବାର ଦିନ ଗିରଫ କରିଛି। ପୋଲିସ୍ ରାଖୀଙ୍କୁ ଅନ୍ଧେରୀ ମାଜିଷ୍ଟ୍ରେଟ୍ କୋର୍ଟରେ ପେଶ୍ କରିବାର ପ୍ରସ୍ତୁତି କରୁଛି ।ସୂଚନା ଅନୁସାରେ ରାଖୀ ସାବନ୍ତଙ୍କ ବିରୁଦ୍ଧରେ ମଣ୍ଡଳ ଶର୍ଲିନ ଚୋପଡ଼ା ଆପତିଜନକ ବୟାନ ଦେଇ ଏହାର ବଦନାମୀ କରିବାର ମାମଲା ଅମ୍ବୋଲି ପୋଲିସ ଷ୍ଟେସନରେ ଦର୍ଜ କରିଥିଲା। ଏହି ମାମଲାରେ ଅଗ୍ରୀମ ଜାମିନ ପାଇଁ ରାଖୀ ସାବନ୍ତ ବୁଧବାର ଦିନ ମୁମ୍ବାଇ ଷ୍ଟେସନ କୋର୍ଟରେ ଆବେଦନ ଦାଖିଲ କରିଥିଲା, ଯାହାଦ୍ୱାରା କୋର୍ଟ ନାମଞ୍ଜୁର କରିଥିଲା। ଏହାପରେ ଗୁରୁବାର ଦିନ ସକାଳେ ପୋଲିସ୍ ରାଖୀ ସାବନ୍ତଙ୍କୁ ଗିରଫ କରିନେଇଛି।

## ଥାନାରେ ହାଜର ହେଲେ ଗାୟକ ହ୍ୟୁମାନ୍ ସାଗର ଓ ପତ୍ନୀ

ଭୁବନେଶ୍ୱର, ୧୯।୧(ପି.ଏନ): ପତ୍ନୀଙ୍କ ଦ୍ୱାରା ତାଙ୍କ ବିରୋଧରେ ପାରିବାରିକ ହିଂସା ଓ ନିର୍ଯାତନା ଅଭିଯୋଗ ମାମଲାରେ ଗାୟକ ହ୍ୟୁମାନ୍ ସାଗର ପୋଲିସ୍ ସମନ ପାଇ ଗୁରୁବାର କଟକ ମହିଳା ଥାନାରେ ହାଜର ହୋଇଛନ୍ତି। ଏହାପରେ ହ୍ୟୁମାନ୍ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ମୋ ନାଁରେ ଆସିଥିବା ଅଭିଯୋଗ ମିଛ । ମୁଁ କାହିଁକି ହତ୍ୟା ଉଦ୍ୟମ କରିବି ? ମୁଁ କଣ ମର୍ଡରର ? ଧର୍ମ ପରିବର୍ତନ ପାଇଁ ମୁଁ ଆଦୌ ଚାପ ପକାଇନି ବୋଲି କହିଛନ୍ତି। ମୁଁ କାହିଁକି ଯୌତୁକ ମାଗିବି। ଲୋକଙ୍କ ଆଶୀର୍ବାଦରୁ ଭଲରେ ଅଛି। ଅନ୍ୟପଟରେ ବୋହୂ ଶ୍ରେୟା ମିଶ୍ର ମଦ୍ୟପାନ କରନ୍ତି ବୋଲି ହ୍ୟୁମାନଙ୍କ ମା' ଶେଫାଳି ସୁନା ଅଭିଯୋଗ ଆଣିଛନ୍ତି। ବୋହୂ ନାମରେ ସମସ୍ତ ଧନ ସମ୍ପତି ରହିଛି। ବୋହୂର ସମସ୍ତ ପରିବାର ଲୋକେ ମଦ୍ୟପାନ କରନ୍ତି। ବୋହୂ ହ୍ୟୁମାନ ଓ ଶାଶୁଙ୍କର ଯତ୍ନ ନିଅନ୍ତିନାହିଁ ବୋଲି କାଉନ୍ସିଲିଂ ପରେ କହିଛନ୍ତି ।ମହିଳା ଥାନାରେ ଆଲୋଚନା ପରେ ଏସିପି ଅମିତାଭ ମହାପାତ୍ର କହିଛନ୍ତି ଉଭୟ ପକ୍ଷ ୨ ଦିନ ସମୟ ନେଇଛନ୍ତି, ୨ ଦିନ ପରେ ପୁଣି ଆସିବେ, ୨ ଦିନ ମଧ୍ୟରେ ଆପୋସ ସମାଧାନ ନହେଲେ ମାମଲା ହେବ। ମାମଲା ରୁଜୁ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ।ସୂଚନାଯୋଗ୍ୟ, ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆସିବା ପରେ ଉଭୟ ପତି-ପତ୍ନୀଙ୍କୁ ଗୁରୁବାର ମହିଳା ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ମଙ୍ଗଳବାର ଦିନ ହ୍ୟୁମାନ୍ ଙ୍କ ପତ୍ନୀ ଶ୍ରେୟା ମିଶ୍ର ତାଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ।

## କଳରାପତରିଆ ବାଘ ଚମଡ଼ା ଜବତ, ୩ ଗିରଫ

ମାଲକାନଗିରି, ୧୯।୧(ପି.ଏନ): ମାଲକାନଗିରି ଜିଲ୍ଲା ମୋଟୁ ବନାଚଂଳ ପକ୍ଷରୁ ଏକ କଳରାପତରିଆ ବାଘ ଚମଡା ଗତକାଲି ଜବତ କରାଯିବା ସହ ଏହାକୁ ବିକ୍ରୀ ପାଇଁ ଯୋଜନା କରୁଥିବା ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ମାନ୍ୟମକୋଣ୍ଡା ପଂଚାୟତ ନିକଟସ୍ଥ ପୋଟେରୁ କେନାଲ ଠାରେ କିଛି ବ୍ୟକ୍ତି ଏକ କଳରାପତରିଆ ବାଘ ଚମଡା ବିକ୍ରୀ ପାଇଁ ନେଉଥିବା ଏକ ବିଶେଷ ସୂତ୍ରରୁ ଖବର ପାଇ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ମୋଟୁ ବନାଚଂଳ ଅଧିକାରୀ ରଶ୍ମି ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ବନପାଳ ଓ ବନରକ୍ଷୀ ମାନେ ଯାଇ ଚଢ଼ଉ କରିଥିଲେ। ବାଘ ଚମଡା ସହ ୩ ଜଣଙ୍କୁ ଗିରଫ କରି ମୋଟୁ ବନାଚଂଳ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କ ଠାରୁ ଗୋଟିଏ ହୋଣ୍ଡା ସାଇନ ମୋଟର ସାଇକେଲ ଜବତ କରାଯାଇଛି। ଜବତ ଚମଡାର ଲମ୍ବ ପ୍ରାୟ ୧.୧୩ ମିଟର ହୋଇଥିବା ବେଳେ ବୟସ ୩ ବର୍ଷ ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ମୋଟୁ ଥାନା ଓ ମୋଟୁ ବନାଚଂଳ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଂଚାୟତ ମାଙ୍ଗିପଲ୍ଲୀ ଗ୍ରାମର ମୁକେଶ ମାଡକାମୀ, ପେଂଟା ମାଡକାମୀ ଓ ଦୁଲା ମାଡକାମୀ ।ତେବେ ଏହି ବାଘ ଚମଡା ବିକ୍ରୀ ପଛରେ ଆଉ କେଉଁ ମାନେ ସମ୍ପୃକ୍ତ ଅଛନ୍ତି ଏବଂ ପୂର୍ବରୁ କେତୋଟି କାହାକୁ ବିକ୍ରୀ କରିଛନ୍ତି କି, ସେନେଇ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲୁ ରହିଛି।

## ଚୋରା କ୍ରୋମାଇଟ ଡିପୋରେ ଏସ.ଟି.ଏଫ. ଚଢାଉ, ୩ ଟ୍ରକ, ଜେସିବି ଜବତ, ୬ ଅଟକ

ଭଦ୍ରକ, ୧୯।୧(ପି.ଏନ): ଏହି ଜିଲାର ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ ଡାହାଲା 'ଓମ ସାଇରାମ' ଢାବା ପାର୍ଶ୍ୱରେ ବେଆଇନ ଖଣିଜ ପଦାର୍ଥ ଡିପୋରେ ଏସ.ଟି.ଏଫ. ପକ୍ଷରୁ ଚଢାଉ କରାଯାଇଛି। ବୁଧବାର ରାତ୍ର ପ୍ରାୟ ୩ଟା ସମୟରେ ରାଜପଥରେ ଖଣିଜଦ୍ରବ୍ୟ ପରିବହନକାରୀ ୩ଟି ଟ୍ରକରୁ ସଂପୃକ୍ତ ଡିପୋରେ ବେଆଇନ ଭାବେ ଖଣିଜଦ୍ରବ୍ୟ ଜେ.ସି.ବି ସହାୟତାରେ ଖଲାସ କରୁଥିବା ବେଳେ ଏସ.ଟି.ଏଫ. ପକ୍ଷରୁ ଚଢାଉ କରାଯାଇଥିଲା। ଡିପୋରୁ ବିପୁଳ ପରିମାଣର ଚୋରା ଖଣିଜ ପଦାର୍ଥ ଜବତ କରାଯାଇଥିଲା। ଅନ୍ଧାରର ସୁଯୋଗ ନେଇ ଜଣେ ସ୍ଥାନୀୟ ଚୋରା ବେପାରୀ ଖସିଯାଇଥିବା ବେଳେ ଭଣ୍ଡାରିପୋଖରୀ ର ଜନୈକ ପୂର୍ବତନ ସରପ ବୁଲେଟ ସହ ଧରାପଡିଥିଲା। ଖଣିଜପଦାର୍ଥ ଖଲାସ କରୁଥିବା ୩ ଟ୍ରକର ୫ ଜଣ ଚାଳକ ଓ ହେଲପର ସମେତ ମୋଟ ୬ ଜଣଙ୍କୁ ଏସ.ଟି.ଏଫ. ଅଟକ ରଖିଛି। ବାଲେଶ୍ୱରରୁ ଖଣି ବିଭାଗ କର୍ମଚାରୀମାନେ ଚୋରା ଖଣିଜ ଦ୍ରବ୍ୟର ପରିମାଣ ଓ ମୂଲ୍ୟ ନିର୍ଦ୍ଧାରଣ କରୁଥିବା ଜଣାଯାଇଛି। ସ୍ଥାନୀୟ ପୁଲିସ ଏ ସମ୍ପର୍କରେ କୌଣସି ସୂଚନା ଦେଇପାରିନଥିବା ବେଳେ ଏସ.ଟି.ଏଫ. ଡି.ଏସ.ପି. ମାମଲା ଚୁଡାନ୍ତ ହେବା ପରେ ସବିଶେଷ ବିବରଣୀ ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ୩ ଦିନ ଯାଏଁ ଘନ କୁହୁଡି

ଭୁବନେଶ୍ୱର,୧୯।୧(ପି.ଏନ): ଗୁରୁଚାପ ବଳୟ ପ୍ରଭାବରେ ରାଜ୍ୟରେ ଆହୁରି ୩ ଦିନ ଘନ କୁହୁଡି ଦେଖାଦେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ୧୯ ତାରିଖ ରାତିରୁ ୨୦ ତାରିଖ ସକାଳ ମଧ୍ୟରେ ରାଜ୍ୟର ୯ ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡି ଦେଖାଦେଇପାରେ। ଏହି ଜିଲ୍ଲାଗୁଡିକ ହେଲା ଗଜପତି, ଗଂଜାମ, ନୟାଗଡ, ଖୋର୍ଦ୍ଧା, କନ୍ଧମାଳ, କଳାହାଣ୍ଡି, ଅନୁଗୁଳ, ଢେଙ୍କାନାଳ ଓ କଟକ। ଏହି ଜିଲ୍ଲାଗୁଡିକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ୨୦ରୁ ୨୧ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ,ଯାଜପୁର,କେନ୍ଦ୍ରାପଡା,କଟକ, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ,କନ୍ଧମାଳ , ରାୟଗଡା ଓ କୋରାପୁଟ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୧ରୁ ୨୨ ତାରିଖ ମଧ୍ୟରେ ଗଜପତି, ଗଂଜାମ, ରାୟଗଡା ,କୋରାପୁଟ, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାକୁ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷରେ ସାମୁଦ୍ରିକ ବାୟୁର ପ୍ରଭାବ ହେତୁ ରାତ୍ରି ତାପମାତ୍ରାରେ ବିଶେଷ ପରିବର୍ତନର ସମ୍ଭାବନା ନାହିଁ। ରାଜ୍ୟରେ ଆଗାମୀ ୪ ରୁ ୫ ଦିନ ଶୀତର ବିଶେଷ ପ୍ରଭାବ ରହିବ ନାହିଁ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ରାଜ୍ୟ ସରକାର ତୁରନ୍ତ ଓବିସି ସର୍ଭେ କରନ୍ତୁ: ଓବିସି ମୋର୍ଚ୍ଚା

ଭୁବନେଶ୍ୱର, ୧୯।୧(ପି.ଏନ): ଓଡ଼ିଶାରେ ଓବିସି ଓ ଏସିବିସି ବର୍ଗର ସାମାଜିକ, ଆର୍ଥିକ, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଉତ୍ଥାନ ଚାହାନ୍ତି ନାହିଁ ନବୀନ ବାବୁ। ବିଜୁ ଜନତା ଦଳ ସର୍ବଦା ଓବିସି ଓ ଏସଇବିସି ବର୍ଗଙ୍କୁ ଅଣଦେଖା କରିବା ସହ ସବୁଥିରୁ ବଂଚିତ କରୁଛନ୍ତି। ପଂଚାୟତ ଓ ମ୍ୟୁନିସପାଲଟି ନିର୍ବାଚନ ପୂର୍ବରୁ ରାଜ୍ୟରେ ଓବିସି ଓ ଏସଇବିସି ବର୍ଗଙ୍କ ସର୍ଭେ ଯଥାଶୀଘ୍ର କରିବାକୁ ବିଧାନସଭାରେ ସଂକଳ୍ପ ପାରିତ ହୋଇଥିଲେ ମଧ୍ୟ ଆଜି ସୁଦ୍ଧା ଏ ସଂପର୍କରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଲେ ନାହିଁ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓବିସି ଓ ଏସଇବିସି ସଂରକ୍ଷଣକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଚିଠି ଲେଖି ଦାବୀ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନନେବା ଦୁର୍ଭାଗ୍ୟଜନକ । ରାଜ୍ୟ ଜନସଂଖ୍ୟାର ସର୍ବାଧିକ ୫୪ ପ୍ରତିଶତ ଓବିସି ଓ ଏସଇବିସି ବର୍ଗଙ୍କୁ ପ୍ରଥମେ ସଂରକ୍ଷଣ ପ୍ରଦାନ କରନ୍ତୁ ରାଜ୍ୟ ସରକାର ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ପୁଣି ଥରେ ଦାବୀ କରିଛନ୍ତି ।ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ; ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ୟୁପି ସରକାର ଓବିସି ଜନଗଣନା କରି ତାଲିକା ପ୍ରସ୍ତୁତ କରୁଛନ୍ତି। ଏ ସଂପର୍କରେ ମାନ୍ୟବର ସୁପ୍ରିମ କୋର୍ଟ କଡା ଆଭିମୁଖ୍ୟ ଗ୍ରହଣ କରି ବିନା ଓବିସି ସଂରକ୍ଷଣରେ ସ୍ଥାନୀୟ ନିର୍ବାଚନ ହୋଇପାରିବ ନାହିଁ ବୋଲି ବାରମ୍ବାର ରାୟ ଶୁଣାଇଥିଲେ। ଭାରତୀୟ ଜନତା ପାର୍ଟି ତରଫରୁ ଓବିସି ଓ ଏସଇବିସିଙ୍କ ସର୍ଭେ କରାଯାଇ ଆନୁପାତିକ ପ୍ରତିଶତ ନିର୍ଦ୍ଧାରଣ କରି ସଂରକ୍ଷଣ ସୁନିଶ୍ଚିତ କରାଇବାକୁ ରାଜ୍ୟ ଓବିସି କମିଶନ ଏବଂ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଛି । ବିଭାଗୀୟ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଅନ୍ୟ ପଟେ ରାଜ୍ୟ ସରକାର ଏ ସମସ୍ତ ଦାବୀକୁ ଅଣଦେଖା କରି ଓବିସି ଓ ଏସଇବିସି ବର୍ଗକୁ ପ୍ରତାରଣା କରିଛନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।ରାଜ୍ୟ ସରକାରଙ୍କ ପାଖରେ ୨ଟି ଜାତି ବର୍ଗ ତାଲିକା ଉପଲବ୍ଧ ଅଛି। ଗୋଟିଏ କେନ୍ଦ୍ର ସରକାରଙ୍କ ଓବିସି ତାଲିକା ଏବଂ ଅନ୍ୟଟି ରାଜ୍ୟ ସରକାରଙ୍କର ଏସଇବିସି ତାଲିକା। କେନ୍ଦ୍ର ସରକାରଙ୍କ ତାଲିକାରେ ୨୦୦ ଓ ରାଜ୍ୟ ସରକାରଙ୍କ ତାଲିକାରେ ୨୦୯ ଜାତିବର୍ଗର ନାମ ସ୍ପଷ୍ଟ ଭାବେ ଉଲ୍ଲେଖ ଥିବାବେଳେ ଓଡିଶା ସରକାର କାହିଁକି ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି ।ଯଥାଶୀଘ୍ର ରାଜ୍ୟ ସରକାର ଓବିସି ସର୍ଭେ କରନ୍ତୁ। ଯଦି ରାଜ୍ୟ ସରକାର ଓବିସି ସର୍ଭେ କାର୍ଯ୍ୟ ଜାଣି ଜାଣି ବିଳମ୍ବ କରାଇବେ ତାହାଲେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ରାଜ୍ୟର ୫୪ ପ୍ରତିଶତ ଓବିସି ବର୍ଗଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇ ନିର୍ଣ୍ଣାୟକ ଆନ୍ଦୋଳନ କରିବ ବୋଲି ଶ୍ରୀ ବିଶ୍ୱାଳ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ଦୁର୍ଗାପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଘରୋଇ ବସ ଦୁର୍ଘଟଣାଗ୍ରସ୍ତ, ୪ ଆହତ, ଅଳ୍ପକେ ବର୍ତିଲେ ୪୦ ଯାତ୍ରୀ

ବୌଦ୍ଧ, ୧୯।୧(ପି.ଏନ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ୫୭ନମ୍ବର ଜାତୀୟ ରାଜପଥ କରଡାକୋଠା ଠାରେ ଘରୋଇ ବସ ଦୁର୍ଘଟଣାଗ୍ରସ୍ତ । ୪ ଆହତ ଅଳ୍ପକେ ବର୍ତିଲେ ୪୦ ଯାତ୍ରୀ । ବସଟି ଭୁବନେଶ୍ୱର ରୁ ଉଲୁଣ୍ଡା ଯାଉଥିବା ସୂଚନା । ଆହତଙ୍କୁ ପୁରୁଣାକଟକ ମେଡ଼ିକାଲରେ ଭର୍ତି । ପୋଲିସର ତଦନ୍ତ ଜାରି । ସୂଚନା ଅନୁଯାୟୀ ବେଲୁନ ନାମକ ଘରୋଇ ବସ ଭୁବନେଶ୍ୱରରୁ ଉଲୁଣ୍ଡା ଆସୁଥିବା ବେଳେ ପୁରୁଣାକଟକ ଥାନା ଜାତୀୟ ରାଜପଥ କରଡ଼ାକୋଠା ଠାରେ ଭାରସାମ୍ୟ ହରାଇ ସେଫଟି ପୋଲରେ ବାଡେଇ ହୋଇ ଡ୍ରେନ ଭିତରକୁ ଖସି ପଡ଼ିଥିଲା ।

## ପୂର୍ତ ବିଭାଗକୁ ଘାରିଛି ଆଖି ଦୋଷ, ୫୦ରୁ ଉର୍ଦ୍ଧ ଖାଲକୁ ନେଇ ମରଣଯନ୍ତା ସାଜିଛି ମହାନଦୀ ପୋଲ

ବୌଦ୍ଧ, ୧୯।୧(ପି.ଏନ): ବୌଦ୍ଧ ଜିଲାର ପୂର୍ତ ବିଭାଗକୁ ଏବେ ଘାରିଛି ଆଖି ଦୋଷ । ଚାଳିଶା ଆଖି ରୋଗ ଧରିଥିବା ସନ୍ଦେହ ହେଉଛି । ନିକଟରେ ଥିବା ଅସୁବିଧାକୁ ଦେଖି ପାରୁନାହିଁ , ମାତ୍ର ଅଦରକାରୀ ସ୍ଥାନରେ କୋଟିକୋଟି ଟଙ୍କା ଖର୍ଚ୍ଚ କରିବାରେ ବ୍ୟସ୍ତ ରହିଛି । ପୂର୍ତ ବିଭାଗ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଲାଗି ରହିଛି ବୌଦ୍ଧର ଅନ୍ୟତମ ଗର୍ବ ମହାନଦୀ ପୋଲ । ଯେଉଁ ପୋଲ ବୌଦ୍ଧ ବାସୀଙ୍କ ପାଇଁ ଗର୍ବର ବିଷୟ ଥିଲା ତାହା ଏବେ ମରଣଯନ୍ତା ସାଜିଛି । ୫୦ରୁ ଉର୍ଦ୍ଧ ଖାଲଖମାକୁ ନେଇ ଯାତ୍ରୀଙ୍କ ପାଇଁ ମରଣଯନ୍ତା ସାଜିଛି ମହାନଦୀ ପୋଲ । ନିଜେ ପୋଲ ଉପର ଦେଇ ନଗଲେ ଯାଣି ହେଉନାହିଁ କେତେ ଦୂରାବସ୍ଥାରେ ରହିଛି ପୋଲଟି । ପୋଲ ଆରମ୍ଭ ରୁ ଶେଷ ଯାଏ ଖାଲ ଖମାରେ ଭରି ରହିଛି । ପୋଲିର କଂକ୍ରିଟ ସବୁ ଉଠିଯାଇ ଭିତରର ଛଡ ସବୁ ମୁଣ୍ଡ ଟେକି ଯାତ୍ରୀମାନଙ୍କୁ ଯମ ନିକଟକୁ ପଠାଇବାକୁ ହାତ ଠାରି ଡାକୁଛି । ଏନେଇ ସାଧାରଣ ଲୋକେ ଅଭିଯୋଗ କରିବାକୁ ନିର୍ବାହୀ ଯନ୍ତ୍ରୀଙ୍କ ନିକଟକୁ ଗଲେ ତାଙ୍କ ପାଖରେ ସମୟ ନାହିଁ ଅଭିଯୋଗ ଶୁଣିବାକୁ । ସହରର ଭଲ ଭଲ ରାସ୍ତା ଉପରେ ଆଉଥରେ ପିଚୁ ପକାଯାଉଛି ତ ଆବଶ୍ୟକତା ନଥାଇ ରାସ୍ତା ପାର୍ଶ୍ୱରେ ଡ୍ରେନ ଖୋଳାଯାଇ ସରକାରୀ ଅର୍ଥର ହରିଲୁଟ କରାଯାଉଛି । ଅନ୍ୟପକ୍ଷରେ ମହାନଦୀ ପୋଲର ମରାମତି କରିବାକୁ ପୂର୍ତ ବିଭାଗ ପାଖରେ ଅର୍ଥର ଅଭାବ ରହିଛି । ଜିଲା ପ୍ରଶାସନ ଏଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

## ଖାଇବାକୁ ନପାଇ ଚାଲି ଚାଲି ଗଲେ ୧୪ ଛାତ୍ର

ଜୟପୁର,୧୯।୧(ପି.ଏନ): ଖାଇବାକୁ ନପାଇ ହଷ୍ଟେଲରୁ ବାହାରି ଚାଲି ଚାଲି ଘରକୁ ଗଲେ ୧୪ ଛାତ୍ର। ଏଭଳି ଏକ ଘଟଣା କୋରାପୁଟ ଜିଲ୍ଲା ବୈପାରୀଗୁଡା ସଦର ମହକୁମା ସ୍ଥିତ ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସରେ ଦେଖିବାକୁ ମିଳିଛି ।ବୈପାରୀଗୁଡା ସଦର ମହକୁମା ସ୍ଥିତ ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସରେ ରହୁଥିବା ମାଦି, ପାମୀ, ତକାଲ, ମାଳିଗୁଡା ଆଦି ଗାଁର ପ୍ରାୟ ୧୪ ଜଣ ଛାତ୍ର ଗତକାଲି ହଷ୍ଟେଲ ଛାଡିଛନ୍ତି। ସେମାନେ ହାତରେ ନିଜ ନିଜ ବହି ବସ୍ତାନି ଧରି ହଷ୍ଟେଲ ଛାଡି ଚାଲି ଚାଲି ନିଜ ଗାଁକୁ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏନେଇ ପିଲାଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ, ଛାତ୍ରାବାସରେ ସେମାନଙ୍କୁ ଠିକ ଭାବେ ଖାଇବାକୁ ଦିଆଯାଉନି ଏଣୁ ସେମାନେ ହଷ୍ଟେଲ ଛାଡିଲେ। ପିଲାଙ୍କ ଅଭିଭାବକ ମାନେ ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱ ହୀନତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଘଟଣାର ତଦନ୍ତ ପାଇଁ ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ବିଡ଼ିଓ ପ୍ରକାଶ କରିଛନ୍ତି।



# ମୋ ଗାଁ

## ଫକୀରମୋହନ ପଠନଶାଳାର ବାର୍ଷିକ ଉତ୍ସବ



**ଉମରକୋଟ,(ପିଏନ)-** ଫକୀରମୋହନ ପଠନ ଶାଳା ଆନୁକୂଲ୍ୟରେ ମକର ମିଳନ, କବିତା ପାଠ,ପୁସ୍ତକ ଉନ୍ମୋଚନ,ଆଲୋଚନା ଚକ୍ର ଓ ସ୍ମୃତି ସମ୍ମାନ ପ୍ରଦାନ ଗୋଷ୍ଠି ଶିକ୍ଷା ପ୍ରଶିକ୍ଷଣ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ ଉତ୍ସବକୁ ଡଃ ଅନୀଲ କୁମାର ମିଶ୍ର ଉଦ୍ଘାଟନ କରିଥିବାବେଳେ ପ୍ରଥମ ପର୍ଯ୍ୟାୟ କବିତା ପାଠରେ ସଭାପତି ଶ୍ରୀ ହୃଷୀକେଶ ତ୍ରିପାଠୀ ଥିବାବେଳେ ଶ୍ରୀମତୀ ସଂହିତା ମହାନ୍ତି, ଶ୍ରୀମତୀ ପ୍ରଭାତୀ ଦେବନାଥ ଓ ନଗେନ୍ଦ୍ର କୁମାର ରାଉତ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫୁଲ କୁମାର ରାଉତ ସଭାପତି, ବଲ୍ଲଭ କୁମାର ରାଉତ ମୁଖ୍ୟ ଅତିଥି, ଡଃ ପ୍ରଦୀପ କୁମାର ମିଶ୍ର ମୁଖ୍ୟ ବକ୍ତା ଥିବାବେଳେ ଶ୍ରୀ ଉମେଶ ଚନ୍ଦ୍ର ଭୁକ୍ତା,ଡଃ ଅନୀଲ କୁମାର ମିଶ୍ର,ଶ୍ରୀ ସୁଧାଂଶୁ କୁମାର ପଟ୍ଟନାୟକ ଓ କେଦାରେଶ୍ୱର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ଅନୁଷ୍ଠାନର ମୁଖପତ୍ର 'ସାରସ୍ୱତ ' ଓ ହୃଷୀକେଶ ତ୍ରିପାଠୀଙ୍କ 'ମନ ମର୍ମର' ଉନ୍ମୋଚନ ହୋଇଥିବା ବେଳେ ସୁଶ୍ରୀ ରୀନା ନାୟକ,ସୁଶ୍ରୀ ଜି ଗାୟତ୍ରୀ, ଆଦିତ୍ୟ ସ୍ୱାଇଁ ଓ ସୁଶ୍ରୀ ଅଙ୍କିତା ପାତ୍ରଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅପରାହ୍ନ କବିତା ପାଠରେ ସଭାପତି ଶ୍ରୀମତୀ ମନୋରମା ମହାପାତ୍ର,ଅଧ୍ୟାପକ ପରୀକ୍ଷିତ ସାହୁ,ଶ୍ରୀ ସାଇମନ ବିଡିକା ସମ୍ମାନିତ ଅତିଥି ଥିବାବେଳେ ଶ୍ରୀମତୀ ସ୍ୱାଗତିକା ବାହିନୀପତି ସାଗର କୁମାର ପରିଡା ଓ ଅବିନାଶ ସାତ୍ରା କବିତା ଗୁଡିକ ସଂଯୋଜନା କରିଥିଲେ ।କାର୍ଯ୍ୟକ୍ରମର ଶେଷରେ ଶ୍ରୀନିବାସ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଡକ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ



**ନବରଙ୍ଗପୁର(ପିଏନ) :** ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସଦରମହକମା ଠାରେ ଆଜି ପାପଡାହାଣ୍ଡି ପୋଲିସ, ନବରଙ୍ଗପୁର ଆଞ୍ଚଳିକ ପରିବହନ ବିଭାଗ, ଓଡିଶା ଡ୍ରାଇଭର ମହାସଂଘ, ମୋଟର ଚାଳକ ସଙ୍ଘ ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାରା ଓଡିଶା ରେ ଜାନୁୟାରୀ ୧୧ ତାରିଖ ରୁ ୧୭ ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ପାପଡାହାଣ୍ଡି ଠାରେ ନବରଙ୍ଗପୁର ଆଞ୍ଚଳିକ ପରିବହନ ବିଭାଗ ଷଷ୍ଠ ଦିନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଇଥିଲା । ଦିନ ୧୧ ଘଂଟିକା ସମୟ ରେ ପାପଡାହାଣ୍ଡି ପୋଲିସ ପ୍ରଥମେ ଓଡିଶା ଡ୍ରାଇଭର ମହାସଂଘ ଓ ମୋଟର ଚାଳକ ସଙ୍ଘ ଡ୍ରାଇଭର ଓ ଆଦର୍ଶ ବିଦ୍ୟାଳୟ ର କୁନି କୁନି ଛୁଆ ମାନଙ୍କୁ ସଡକ ସୁରକ୍ଷା ଟି ସାର୍ଟ ଓ ଟୋପି ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜୋମ ଭୂମିକାରେ ଘାସି ହରିଜନ , ଓ ଚିତ୍ରଗୁପ୍ତ ଭୂମିକା ରେ ଏ. ଶ୍ରୀନିବାସ ରାଓ ଅଭିନୟ କରି ହେଲମେଟ ନପିନ୍ଧି ମୋଟର ସାଇକେଲ ଚଳାଇବା ଲୋକଙ୍କୁ ନାଟକ ମାଧ୍ୟମରେ ସଚେତନ କରାଇଥିଲେ । ପୋଲିସ ବିଭାଗ ତରଫରୁ ହେଲମେଟ ପିନ୍ଧିବା ଲୋକଙ୍କୁ ଚକୋଲେଟ ଓ ଆଦର୍ଶ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଗୋଲାପ ଫୁଲ ଦେଇ ଏମିତି ନିୟମିତ ହେଲମେଟ ବ୍ୟବହାର କରି ସଡକ ସୁରକ୍ଷା ନିୟମ ପାଳିଥିବାରୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ନବରଙ୍ଗପୁର କନିଷ୍ଠ ମୋଟରଜାନ ନିରକ୍ଷକ ଉପେନ୍ଦ୍ର ପୁଷିକା କ୍ଷରୟ ମାଧ୍ୟମରେ ସଡକ ସୁରକ୍ଷା ଲୋକଙ୍କୁ ସଚେତନ କରିଥିଲେ । ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ. ସୁଶ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହେଲମେଟ ପିନ୍ଧିବାଲୋକଙ୍କୁ ଧନ୍ୟବାଦ ଦେଇଥିଲେ। ହେଲମେଟ ନପିନ୍ଧି ଗାଡି ଚଳାଇବା ଲୋକଙ୍କୁ ଗୋଲାପ ଫୁଲ ଦେଇ ହେଲମେଟ ପିନ୍ଧିବାକୁ ସଚେତନ କରାଇ , କିଛି ଲୋକଙ୍କୁ ନୂତନ ହେଲମେଟ ଉପହାର ଦେଇଥିଲେ । ଏହି ଅବସରରେ ପାପଡାହାଣ୍ଡି ଥାନାଧିକାରୀ ଆଦିତ୍ୟ ସେନ , ସବ ଇନ୍ସପେକ୍ଟର ଶିବଜୀ ପଣ୍ଡା, ଲାବଣ୍ୟ ବେମେଲା , ଓ ଅନ୍ୟାନ ପୋଲିସ ଷ୍ଟାଫ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମ ରେ ପାପଡାହାଣ୍ଡି ର ସମାଜସେବୀ ବିମଲ ଜୈନ , ରାଜକିଶୋର ରାଓ , ଓଡିଶା ଡ୍ରାଇଭର ସଂଘର ଉପସଭାପତି ତାପସ ମଲିକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଆଡ଼ମ୍ବର ସହକାରେ ମକର ସଂକ୍ରାନ୍ତି ପାଳିତ



**ନବରଙ୍ଗପୁର(ପିଏନ):** ନବରଙ୍ଗପୁର ଜିଲ୍ଲାର ସଦର ମହକୁମାର ମାତ୍ର ଦଶ କିମି ଦୁରରେ ଅବସ୍ଥିତ ବଡମସିଗାଁ ଶ୍ରୀ ଶ୍ରୀ ନୀଳ କଣ୍ଠେଶ୍ୱର ମନ୍ଦିର ଠାରେ ଭକ୍ତଙ୍କ ଅପୂର୍ବ ସମାଗମ ହୋଇଥିଲା । ଦୀର୍ଘ ବର୍ଷ ଧରି ସ୍ୱୟଂ ଆବିର୍ଭୂତ ହେଇଥିବା ଶ୍ରୀ ଶିବ ମହାଦେବ ଏହି ମନ୍ଦରଟିରେ ପୂଜା ପାଇ ଆସୁଥିଲେ। ଚଳିତ ବର୍ଷ ଏହି ଗ୍ରାମର କିଛି ବ୍ୟକ୍ତି ବିଶେଷ ଓ ଭକ୍ତ ମାନଙ୍କ ଉଦ୍ୟମରେ ଭବ୍ୟ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠା ହୋଇଥିଲା। ଏହି ମନ୍ଦିର ପ୍ରତିଷ୍ଠା ପରେ ପରେ ଏହି ମନ୍ଦିରରେ ଭଗବାନଙ୍କୁ ଦର୍ଶନ ପାଇଁ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ମାନେ ଏକାଠି ହୋଇଥାନ୍ତି । ମନ୍ଦିର ପରିଚାଳନା ସଭାପତି ଶ୍ରୀ ଅର୍ଜୁନ ମାଳି ଏବଂ ସମ୍ପାଦକ ମୋହନ ମାଳି ଓ ସମସ୍ତ ଭକ୍ତ ମାନଙ୍କ ଉଦ୍ୟମରେ ପ୍ରତ୍ୟେକ ସଂକ୍ରାନ୍ତି ଦିନ ଭକ୍ତ ମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥାଏ । ଆଜି ମକର ସଂକ୍ରାନ୍ତି ରେ ଅଭୁତପୂର୍ବ ଜନ ସମାଗମ ହୋଇଥିଲା। ଆଜିର ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ଶ୍ରୀ ସଦାଶିବ ପ୍ରଧାନି ଓ ତାଙ୍କର ଧର୍ମ ପତ୍ନୀ କୌଶଲ୍ୟା ପ୍ରଧାନୀ ଏବଂ ତେନ୍ତୁଳିଖୁଣ୍ଟି ଜୋନ ୧ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତି କୃଷ୍ଣା ମଞ୍ଜରୀ ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ ।ଏହି ମନ୍ଦିରରେ ଏକ ହଜାର ସଂଖ୍ୟାରେ ଭକ୍ତ ମାନେ ଯୋଗ ଦେଇ ମହାଦେବ ଙ୍କ ଦର୍ଶନ ପାଇଁ ପୂଜା ଅର୍ଚ୍ଚନା କରିବା ସହ ଅନ୍ନଭୋଗ ସେବନ କରିଥିଲେ । ଏହି ମନ୍ଦିର ନିର୍ମାଣ ପର ଠାରୁ ଏହି ଅଞ୍ଚଳକୁ ବହୁ ଦୂର ଦୁରାନ୍ତରୁ ଭକ୍ତ ମାନଙ୍କ ସମାବେଶ ଦେଖିବାକୁ ମିଳୁଛି ।

## ମହିନ୍ଦ୍ରା ପକ୍ଷରୁ ଏହାର ତିନି ଚକିଆ ଇଭି ପାଇଁ ଏନ୍‌ଇଏମ୍‌ଓ (ନେମୋ) ଡ୍ରାଇଭର ଆପ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ମହିନ୍ଦ୍ରା ଗ୍ରୁପ୍‌ର ଅଂଶ ମହିନ୍ଦ୍ରା ଇଲେକ୍ଟ୍ରିକ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ଏହାର ତିନିଚକିଆ ଯାନର ଡ୍ରାଇଭର (ଚାଳକ)ମାନଙ୍କ ପାଇଁ ଏନ୍‌ଇଏମ୍‌ଓ (ନେମୋ) ଡ୍ରାଇଭର ଆପ୍‌ର ଶୁଭାରମ୍ଭ କରାଯାଇଛି। ମହିନ୍ଦ୍ରାର ପରିଚିତ କନେକ୍ଟେଡ୍ ମୋବିଲିଟି ଭିତିଭୂମି ଆଧାରରେ ଏହି ଆପ୍‌କୁ ପ୍ରସ୍ତୁତ କରାଯାଇଛି। ରେଂଜ୍‌କୁ ନେଇ ଉଦ୍‌ବେଗ ଆଦି ସମସ୍ୟାକୁ ଏହା ସମାଧାନ କରିବା ସହ ନିଜ ଚାର୍ଜିଂ ଯୋଜନା ପ୍ରସ୍ତୁତ କରିବାରେ ଏହା ଗ୍ରାହକମାନଙ୍କ ଲାଗି ସହାୟକ ହେବ ଯାହା ଫଳରେ ସେମାନଙ୍କ ପରିଚାଳନା ଦକ୍ଷତାରେ ଉନ୍ନତି ହୋଇପାରିବ। ଏହା ଇଟଂରଆକ୍ଟିଭ୍ ଭିତିକ ଏବଂ ମହିନ୍ଦ୍ରା ଟ୍ରିଓ ଅଟୋ, ଟ୍ରିଓ ଜୋର, ଜୋର ଗ୍ରାଣ୍ଡ ଭଳି ଇଲେକ୍ଟ୍ରିକ୍ ତିନି ଚକିଆ ପାଇଁ ଗୁରୁତ୍ୱପୂର୍ଣ୍ଣ ଲାଇଭ୍ ତଥ୍ୟ ପ୍ରଦାନ କରିବ ।ଗ୍ରାହକମାନଙ୍କ ବ୍ୟାପକ ମତାମତ ଗ୍ରହଣ କରିବା ପରେ ନେମୋ ଆପ୍‌କୁ ପ୍ରସ୍ତୁତ କରାଯାଇଛି। ଇଲେକ୍ଟ୍ରିକ୍ ଯାନକୁ ଅଧିକ କନେକ୍ଟେଡ୍, ସହଜ ଓ ଚିନ୍ତାମୁକ୍ତ କରିବା ଲକ୍ଷ୍ୟ ନେଇ କଂପାନି ପକ୍ଷରୁ ଏହି ଆପ୍‌ର ବିକାଶ କରାଯାଇଛି। ଗ୍ରାହକମାନେ ଆଣ୍ଡ୍ରଏଡ୍ ଫୋନ୍‌ରେ ପ୍ଲେ ଷ୍ଟୋରରୁ ଏହି ଆପ୍‌କୁ ମାଗଣାରେ ଡାଉନ୍‌ଲୋଡ୍ କରିପାରିବେ। ଆଗାମୀ ଦିନରେ ଆପ୍‌ଟି ଆଇଓଏସ୍‌ରେ ମଧ୍ୟ ଉପଲବ୍ଧ କରିବାକୁ ଯୋଜନା ରହିଛି।




ଏହି ଅବସରରେ ମହିନ୍ଦ୍ରା ଇଲେକ୍ଟ୍ରିକ୍ ମୋବିଲିଟିର ସିଇଓ ସୁମନ ମିଶ୍ର କହିଛନ୍ତି ଯେ, "ଉପଯୁକ୍ତ ସମାଧାନ ଉପସ୍ଥାପନ କରି ମୁଁ ଅତ୍ୟନ୍ତ ଉଲ୍ଲସିତ ଯାହା ଜରିଆରେ ଆମ ଚାଳକ ବନ୍ଧୁମାନେ ସେମାନଙ୍କ ହାତପାଆନ୍ତରେ ମହିନ୍ଦ୍ରା ଦୂରଦୂରାନ୍ତ ଇଭି ଗମନାଗମନକୁ ନିୟନ୍ତ୍ରଣ କରିପାରିବେ। ବାସ୍ତବ ସମୟ ତଥ୍ୟ ସହିତ ଇଭିକୁ ଗ୍ରହଣ କରିଥିବା ଲୋକମାନଙ୍କ ପାଇଁ ଗାଡ଼ି ଚାଳନାର ଢାଂଚାରେ ଏହି ନେମୋ ଡ୍ରାଇଭର ଆପ୍ ଉନ୍ନତି ଆଣିବ ଏବଂ ସଠିକ୍ ତଥ୍ୟ ଜରିଆରେ ସେମାନଙ୍କ ଲାଭକୁ ବଢ଼ାଇବା ସହ ପରିବେଶ ମିତବ୍ୟୟିତା ଓ ନିରନ୍ତରତା ବାର୍ତାର ପ୍ରଚାର କରିବ।''ନେମୋ ଡ୍ରାଇଭର ଆପ୍‌ରେ ୧୧ ପ୍ରକାର ପ୍ରମୁଖ ସୁବିଧା ରହିଛି। ଏହା ହେଉଛି ଏକ କ୍ଲାଉଡ୍ ଭିତିକ ପ୍ଲାଟ୍‌ଫର୍ମ ଯାହା ସହରାଚଂଳ ଗମନାଗମନରେ ଉନ୍ନତି ଆଣିବ। ଏଥିରେ ଇନଷ୍ଟାଂଟ୍ ଲଗ୍ ଇନ୍, ଟ୍ରାକ୍ ସେଭିଙ୍ଗସ୍, ଇମୋବିଲାଇଜର, ଇଜି ନାଭିଗେସନ, ଗାଡ଼ି ସ୍ଥିତିର ସଦ୍ୟତମ ସୂଚନା, ଫାଇଣ୍ଡ୍ ମାଇଁ ଭେଇକିଲ୍, ଆଟେନ୍‌ସନ୍ ଆଲର୍ଟ, ସଡ଼କ ପାର୍ଶ୍ୱ ସହାୟତା, ସର୍ଭିସ୍ ରିମାଇଣ୍ଡର ଆଲର୍ଟ, ସର୍ଭିସ ବୁକିଂ, କଷ୍ଟମର୍ କେୟାର୍ ଏବଂ ରେଫରେନ୍ସ ଗାଇଡ୍ ଭଳି ସୁବିଧା ରହିଛି।

## ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା,(ପିଏନ):** ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଷ୍ପତ୍ତି କ୍ରମେ ୨୬ ତାରିଖ ସକାଳ ସାଢ଼େ ଚାରିଟାରେ ରାମଧୁନ, ପ୍ରଭାତ ଫେରି, ପରେ ସହରରେ ଥିବା ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯିବା ସହ ୯ତା୧୫ ରେ ବିଜେବି ହାଇସ୍କୁଲ ପଡିଆରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ ।ସମ୍ମିଳିତ ପରେଡରେ ଏ. ପି. ଆର, ଏନ. ସି.ସି, ସ୍କାଉଟ ଗାଇଡ଼, ରେଡ୍‌କ୍ରସ ଓ ସିଭିଲିଆନ ଦଳ ଅଂଶ ଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଆଗାମୀ ୨୦ରୁ ୨୨ ତାରିଖ ମଧ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଲ୍ୟାମ୍ପସ୍ ସଭାପତି ମାନଙ୍କ ବୈଠକ ଓ ବନ୍ଧୁ ମିଳନ



**ଡାବୁଗାଁ,(ପିଏନ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ଚଚରାଗୁଡା ପଞ୍ଚାୟତ ଅଧୀନ ଗିର୍ଲିଗୁଡା ଗ୍ରାମରେ ନବରଙ୍ଗପୁର ଜିଲ୍ଲାରେ ଥିବା ୧୩ଟି ଲ୍ୟାମ୍ପସ୍ ସଭାପତି ମାନଙ୍କୁ ନେଇ ଏକ ବୈଠକ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାରେ ଥିବା ପ୍ରତ୍ୟେକ ଲ୍ୟାମ୍ପସ୍‌ର ଭିତ୍ତି ଭୂମିର ବିକାଶ, ଚାଷୀ ମାନଙ୍କୁ ଠିକ ସମୟରେ ସାର, ବିହନ ଓ ଋଣ ଯୋଗାଇଦେବା, ମଣ୍ଡି କାର୍ଡ ସମସ୍ୟା ଯେପରି ଆଗାମୀ ଦିନରେ ନହେବ ସେ ନେଇ ଆଲୋଚନା ହୋଇଥିଲା । ଏହାସହ ନବବର୍ଷ ପାଇଁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ତେନ୍ତୁଳିଖୁଣ୍ଟି ଲ୍ୟାମ୍ପସ୍ ସଭାପତି ଅଖିଳ ଭତ୍ରା, ଦୁର୍ଯ୍ୟୋଧନ ଭତ୍ରା (ଡାବୁଗାଁ), ଲୋକନାଥ ପୂଜାରୀ (ଚନ୍ଦାହାଣ୍ଡି), ସଦାଶିବ ନାୟକ (ପାପଡାହାଣ୍ଡି), ହରିହର ଭଣ୍ଡାରୀ (କୋଷାଗୁମୁଡା), ଲକ୍ଷ୍ମୀନାରାୟଣ ମାଝି (ନନ୍ଦାହାଣ୍ଡି), ରାଇସିଂ ଗଣ୍ଡ (ରାଇଘର), ପୁରୁଷୋତ୍ତମ ପୂଜାରୀ (ଉମରକୋଟ), ଦିଲ୍ଲୀପ ପ୍ରଧାନୀ (ଅଞ୍ଚଳଗୁମ୍ମା), ଲଛମା ଗଣ୍ଡ (ଝରିଗାଁ),ରାସବିହାରୀ ମାଝି (ମୈଦଲପୁର),ରାଜେନ୍ଦ୍ର ପୂଜାରୀ (ନବରଙ୍ଗପୁର), ଶୈଳେନ୍ଦ୍ର ପୂଜାରୀ (କୋଡିଙ୍ଗା) ଲ୍ୟାମ୍ପସ୍ ସଭାପତି ମାନେ ଉପସ୍ଥିତ ଥିଲେ । ୧୦ଟି ବ୍ଲକ ସହ ପାପଡାହାଣ୍ଡିର ମୈଦଲପୁର,କୋଷାଗୁମୁଡାର କୋଡିଙ୍ଗା ଓ ତେନ୍ତୁଳିଖୁଣ୍ଟିର ଅଞ୍ଚଳଗୁମ୍ମା ଏଇ ୩ଟି ଲ୍ୟାମ୍ପସ୍ ଥିବାରୁ ମୋଟ ୧୩ଟି ଲ୍ୟାମ୍ପସ୍ ସଭାପତି ସହଯୋଗ କରିଥିଲେ।

## ଏକ ପ୍ରଗତିଶୀଳ ଏବଂ ଦାୟୀତ୍ୱପୂର୍ଣ୍ଣ ଆଭିମୁଖ୍ୟ ଦର୍ଶାଇଛି ଏଏସସିଆଇର ଏଡନେକ୍ସଟ ଅଧ୍ୟୟନ

ଭୁବନେଶ୍ୱର: ଶିକ୍ଷା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ (ଏଡଟେକ) ବିଜ୍ଞାପନ କରିବା ଏବଂ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଉପରେ ଏହାର ପ୍ରଭାବ ଉପରେ ଭାରତୀୟ ବିଜ୍ଞାପନ ମାନକ ପରିଷଦ (ଏଏସସିଆଇ) ଏକ ବିସ୍ତୃତ ରିପୋର୍ଟ ପ୍ରକାଶ କରିଛି । ବିଜ୍ଞାପନ କରିବା ପାଇଁ ଏଡଟେକ ସେକ୍ଟରରେ ଥିବା ଆହ୍ୱାନ ଏବଂ ସୁଯୋଗକୁ ବ୍ୟାଖ୍ୟା କରିବା ଏହି ରିପୋର୍ଟର ଲକ୍ଷ୍ୟ। ଏହି ରିପୋର୍ଟ ଅନେକ ମାର୍ଗ ଚିହ୍ନଟ କରିଛି ଯେଉଁଥିରେ ଏହି ସେକ୍ଟର ଏକ ଅଧିକ ଦାୟୀତ୍ୱପୂର୍ଣ୍ଣ ବର୍ଣ୍ଣନାକୁ ଆକାର ଦେଇପାରିବ ଏବଂ ଅନେକଙ୍କ ଦ୍ୱାରା ସମସ୍ୟାଜନକ ମନେକରାଯାଉଥିବା ସୁବିଧାବାଦୀ ବିଜ୍ଞାପନ ଠାରୁ ଦୂରେଇ ରହିପାରିବ। ଅନୁସନ୍ଧାନ ସହଭାଗୀ ସ୍ପ୍ରିଂଟ ଷ୍ଟୁଡିଓ ଏଆଇ ଏବଂ ଜ୍ଞାନ ସହଭାଗୀ ଭାବରେ ୟୁନିସେଫ ସହିତ ଏଏସସିଆଇ ଦ୍ୱାରା ଏଡନେକ୍ସଟ ଅଧ୍ୟୟନ କରାଯାଇଛି । ଆଠଟି ଭାରତୀୟ ସହରର ୪୯୦ ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କର ଏକ ହୀତାଧିକାରୀ ଦଳ ଦ୍ୱାରା ୧୦୦ଟି ଏଡଟେକ ବିଜ୍ଞାପନର ପରୀକ୍ଷଣ କରାଯାଇଛି।

## ଭାସ୍କେଲ୍, ଇନ୍ଦ୍ରାବତୀରୁ ବି ଛତିଶଗଡର ଫାଇଦା

**କୋଷାଗୁମୁଡା,(ପିଏନ) :** ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ୍ ଦେଇ ଚିରସ୍ରୋତା ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀ ପ୍ରବାହିତ ହେଉଛି। ତଥାପି ଓଡିଶା ସରକାର ଉପରମୁଣ୍ଡରେ ଜଳସେଚନ ପ୍ରକଳ୍ପ ନିର୍ମାଣ କରିପାରୁନଥିବା ବେଳେ ତଳମୁଣ୍ଡରେ ଆନିକଟ ବାନ୍ଧି ଛତିଶଗଡ ଫାଇଦା ଉଠାଉଛି। କେବଳ ମହାନଦୀ ନୁହେଁ, ଅନ୍ୟ ନଦୀରୁ ବି ଏହିଭଳି ଭାବେ ଫାଇଦା ଉଠାଉଥିବା ବେଳେ ଓଡିଶାରେ ଲୋୟର ଭାସ୍କେଲ ଜଳସେଚନ ପ୍ରକଳ୍ପ କେବଳ ପ୍ରସ୍ତାବରେ ଅଟକିଛି। କୋଷାଗୁମୁଡା ବ୍ଲକ୍‌ର ଆଟିଗାଁ,ବଡଦାନୁଆ, ଏକୋରୀ, ବି.ଏମ୍ ସେମଳା, ବାଲେଗାଁ, ଟେମରା, କୋଷାଗୁମୁଡା, ବଡଆମଡା, ମାଝୀଦାନୁଆ, ସନ୍ତୋଷପୁର, ଉକିଆପଲ୍ଲୀ ଦେଇ ଘାଟବାସୁଲିଠାରେ ଇନ୍ଦ୍ରାବତୀ ନଦୀରେ ମିଶିଛି ଭାସ୍କେଲ ନଦୀ। ଯାହାର ଦୌର୍ଘ୍ୟ ପ୍ରାୟ ୪୦ କିଲୋମିଟର ହେବ। ସେହିପରି ଇନ୍ଦ୍ରାବତୀ ନଦୀ ଚିରମା, ପୋକଡିସେମଳା, ବାମୁଣି, ସାନଆମଡା, ବିଞ୍ଜିଲି, ସାନ ଉକିଆପଲ୍ଲୀ, ଘାଟବାସୁଲି ଦେଇ ପ୍ରବାହିତ ହୋଇ ଛତିଶଗଡରେ ମିଶିଛି। ଯାହାର ଦୌର୍ଘ୍ୟ ପ୍ରାୟ ୨୦କିଲୋମିଟରରୁ ଊର୍ଦ୍ଧ୍ୱ ହେବ। ମାତ୍ର, କୋଷାଗୁମୁଡା ବ୍ଲକ୍ ଦେଇ ଏହି ଦୁଇ ଚିରସ୍ରୋତା ନଦୀ ପ୍ରବାହିତ ହେଉଥିଲେ ହେଁ ଉପରମୁଣ୍ଡରେ ଗୋଟିଏ ବି ଜଳସେଚନ ପ୍ରକଳ୍ପ କିମ୍ୱା ଆନିକଟ ନିର୍ମାଣ ହୋଇପାରୁନି। ଏପରିକି ଝାଡସେମଳାରେ ଲୋୟର ଭାସ୍କେଲ ପ୍ରକଳ୍ପ ନିର୍ମାଣ ବହୁ ବର୍ଷ ତଳେ ହୋଇଥିବା ପ୍ରସ୍ତାବ ରହିଥିଲା। ଏହି ପ୍ରକଳ୍ପ ଦ୍ୱାରା କୋଷାଗୁମୁଡା ବ୍ଲକର ୧୩୭୪୩ ହେକ୍ଟର ଓ ଡାବୁଗାଁ ବ୍ଲକର ୬୬୫ ହେକ୍ଟର ଜମିକୁ ଜଳସେଚନ କରିବା ପାଇଁ ଧାର୍ଯ୍ୟ ହୋଇଥିଲା। ଏହି ପ୍ରକଳ୍ପ କେବଳ ଡିପିଆର୍‌ରେ ହିଁ ସୀମିତ ରହିଛି।

## କୀଟନାଶକ ବ୍ୟବହାର ନେଇ କ୍ଷେତ୍ର ପରିଦର୍ଶନ

**ନବରଙ୍ଗପୁର,(ପିଏନ)-**ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଅଞ୍ଚଳା ଗ୍ରାମରେ ବାୟର କମ୍ପାନୀ ତରଫରୁ ଜମିରେ କୀଟନାଶକ ବ୍ୟବହାର ନେଇ ଏକ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଞ୍ଚଳା ଗ୍ରାମର ଚାଷୀ ଗୋବିନ୍ଦଙ୍କ ମକା ଫସଲରେ କିପରି କୀଟନାଶକ ବ୍ୟବହାର କରିବେ ସେନେଇ ବୁଝାଇଥିଲେ । ଉକ୍ତ କ୍ଷେତରେ ଥିବା ମକା ଫସଲରେ ବାୟର କମ୍ପାନୀର "ଭାୟଗୋ" କୀଟନାଶକ ସିଞ୍ଚନ କରି କିପରି



ଫସଲକୁ ରୋଗ ମୁକ୍ତ କରିଛନ୍ତି ତାହା ଉପସ୍ଥିତ ବିକ୍ରେତା ମାନେ ବୁଲି ଦେଖିଥିଲେ । କମ୍ପାନୀ ର ବଜାର ଉନ୍ନୟନ ସଂଯୋଜକ ଡା. ରାଜେଶ ଦୁବେ ଯୋଗ ଦେଇ ଭୟଗୋ ଔଷଧର ଗୁଣ ଓ କାର୍ଯ୍ୟ ଉପରେ ବୁଝାଇଥିଲେ । ନବରଙ୍ଗପୁର ଜିଲା ଆଞ୍ଚଳିକ ପରିଚାଳକ ଅଜୟ କୁମାର ଧୀମନ, ଆଞ୍ଚଳିକ ପରିଦର୍ଶକ ପ୍ରିୟବ୍ରତ ଦାଶ, କମ୍ପାନୀ କର୍ମଚାରୀ ବ୍ରହ୍ମାନନ୍ଦ ପାତ୍ର, ଭରତ ଦାଶ, ଚୌହାନଲାଲ ସାହୁ, , ନୁସାନ ହରିଜନ, ସନ୍ଦିପ ଠାକୁର, ବିକ୍ରମ କେଶରୀ ସ୍ୱାଇଁ, ଉତ୍ତମ ହାଲଦାର ଓ ଉମରକୋଟ, ଡାବୁଗାଁ, ପାପଡାହାଣ୍ଡି, ନବରଙ୍ଗପୁର ରୁ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ବିକ୍ରେତା ମନ ଏଯୋଗ ଦେଇଥିଲେ।

## ଆକର୍ଷଣୀୟ ଡିଲ ଏବଂ ଅଫର ନେଇ ଆସିଛି ଆମାଜନର ଗ୍ରେଟ ରିପବ୍ଲିକ ଡେ ସେଲ

ଭୁବନେଶ୍ୱର: ଆମାଜନ ଇଣ୍ଡିଆ ଏହାର ବହୁ ପ୍ରତୀକ୍ଷିତ 'ଗ୍ରେଟ ରିପବ୍ଲିକ ଡେ ସେଲ'ର ଘୋଷଣା କରିଛି ଯାହା ଚଳିତ ଜାନୁଆରୀ ୧୫ ରୁ ୨୦ ପର୍ଯ୍ୟନ୍ତ ଚାଲୁ ରହିବ । ଏହା ସହିତ ପ୍ରାଇମ ସଦସ୍ୟମାନେ ୨୪ ଘଂଟା ପୂର୍ବରୁ ଅର୍ଥାତ ଜାନୁଆରୀ ୧୪ ରୁ ଏହି ସୁବିଧା ପାଇପାରିବେ। ଗ୍ରାହକମାନେ ମଧ୍ୟ ବିକ୍ରେତାଙ୍କ ଦ୍ୱାର ପ୍ରଦାନ କରାଯାଇଥିବା ଲକ୍ଷ ଲକ୍ଷ ଉତ୍ପାଦ କ୍ରୟ କରିପାରିବେ, ଯେଉଁଥିରେ ରହିଛନ୍ତି କଳାକାର ଏବଂ ବୁଣାକାର, ମହିଳା ଉଦ୍ୟୋଗୀ, ଷ୍ଟାର୍ଟଅପ, ବ୍ରାଣ୍ଡ ଏବଂ ସ୍ଥାନୀୟ ପଡୋଶୀ ଷ୍ଟୋରଗୁଡ଼ିକ । ଏଥିରେ ସ୍ମାର୍ଟଫୋନ, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ଗ୍ରୋସରୀ, ଫ୍ୟାଶନ ଏବଂ ବିୟୁଟି ଏସେନ୍ସିଆଲ, ହୋମ ଏବଂ କିଚେନ, ବୃହତ ଉପକରଣ, ଟିଭି ଭଳି ଆହୁରି ଅନେକ ବର୍ଗର ଉପକରଣ ସାମିଲ ରହିଛି । ସାଓମିର ସହ-ସମର୍ଥନ ସହିତ ଏହି ଗ୍ରେଟ ରିପବ୍ଲିକ ଡେ ସେଲ ସମୟରେ ଗ୍ରାହକମାନେ ସାଓମି, ଓରିଅନ, ପାମ୍ପର୍ସ, ଟେକ୍ନୋ, ଏରିଅଲ, ଜିଲେଟ, ଏଲଜି ଆପ୍ଲାଏନ୍ସେସ, ସାମସଙ୍ଗ ଟିଭି, ଇଂଟେଲ ଭଳି ବ୍ରାଣ୍ଡରୁ ବୃହତ ଅଫର ସହିତ ଅଧିକ ସଂଚୟ କରିପାରିବେ।

ଏହି ସେଲ ସମୟରେ କିଣାକିଣି କରି ଗ୍ରାହକମାନେ ଏସବିଆଇ କ୍ରେଡିଟ କାର୍ଡ ଏବଂ କ୍ରେଡିଟ ଇଏମଆଇର ବ୍ୟବହାର କରି ୧୦%ର ଅତିରିକ୍ତ ତୁରନ୍ତ ରିହାତି ; ବଜାଜ ଫିନସର୍ଭ ଇଏମଆଇ କାର୍ଡ, ଆମାଜନ ପେ ଆଇସିଆଇସିଆଇ କ୍ରେଡିଟ କାର୍ଡ, ଆମାଜନ ପେ ଲାଟର ଏବଂ ବଛା ବଛା ଡେବିଟ ଓ କ୍ରେଡିଟ କାର୍ଡ ଉପରେ ନୋ କଷ୍ଟ ଇଏମଆଇ ଭଳି ସୁବିଧା ପାଇପାରିବେ । ଏହାବ୍ୟତୀତ ଗ୍ରାହକମାନେ ଟଙ୍କା ପଠାଇ, ବିଲ ପୈଠ କରି ଭଳି ଆହୁରି ଅନେକ ଦୈନନ୍ଦିନ ପେମେଂଟ କରି ପେ ଏବଂ ସପ ରିୱାର୍ଡ ଫେଷ୍ଟିଭାଲ ସମୟରେ ୫୦୦୦ ଟଙ୍କା ପର୍ଯ୍ୟନ୍ତର ପୁରସ୍କାର ଜିତିବାର ଏକ ସୁଯୋଗ ପାଇପାରିବେ। ଯାହାକୁ ଗ୍ରେଟ ରିପବ୍ଲିକ ଡେ ସେଲ ସମୟରେ ରିଡିମ କରାଯାଇପାରିବ। ଗ୍ରାହକମାନେ ଏହି ସମୟରେ ମୋବାଇଲ ଫୋନ ଓ ଆକ୍ସେସୋରିଜ ଉପରେ ୪୦% ପର୍ଯ୍ୟନ୍ତ ରିହାତି, ଆମାଜନ ଫ୍ୟାଶନ ଏବଂ ବିୟୁଟି ସାମଗ୍ରୀ ଉପରେ ୮୦% ପର୍ଯ୍ୟନ୍ତର ରିହାତି, ଆମାଜନ ଫ୍ରେସ ଉପରେ ୫୫% ପର୍ଯ୍ୟନ୍ତ ରିହାତି, ହେଲଥ ଓ ପର୍ସୋନାଲ କେୟାର ସାମଗ୍ରୀ ଉପରେ ୪୦% ପର୍ଯ୍ୟନ୍ତ ରିହାତି, ଖାଦ୍ୟ ଓ ପାନୀୟ ଉପରେ ୫୫% ପର୍ଯ୍ୟନ୍ତ ରିହାତି, ବେବି ଓ ପେଟ ପ୍ରଡକ୍ଟ ଉପରେ ୬୦% ପର୍ଯ୍ୟନ୍ତ ରିହାତି, ଆମାଜନ ଇକୋ, ଫାୟାର ଟିଭି, କିଣ୍ଡିଲ ଡିଭାଇସ ଉପରେ ୪୫% ପର୍ଯ୍ୟନ୍ତ ରିହାତି ଓ ହୋମ ଏବଂ କିଚେନରେ ୭୦% ପର୍ଯ୍ୟନ୍ତର ରିହାତି ପାଇପାରିବେ ।




# ଓଡଗାଁ ପଞ୍ଚାୟତ ସମିତି ୩ୟ ସାଧାରଣ ଅଧିବେଶନ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକା ଏକକାଳୀନ ପ୍ରକାଶନ ପାଇଁ ବ୍ଲକ ଅଧକ୍ଷଙ୍କ ନେତୃତ୍ୱରେ ଜନପ୍ରତିନିଧି ଜିଲ୍ଲାପାଳଙ୍କୁ ଭେଟିବେ



**ଓଡଗାଁ** (ପିଏନ): ଓଡଗାଁ ପଞ୍ଚାୟତ ସମିତି ୩ୟ ସାଧାରଣ ଅଧିବେଶନ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ସ୍ୱାତିଲେଖା ଦାସ, ଉପାଧ୍ୟକ୍ଷା ମିରା ନାୟକ, ଜିଲ୍ଲାପରିଷଦ ସଭ୍ୟ ବିରଜାଲକ୍ଷ୍ମୀ ସାହୁ, ଝିଲି ପ୍ରଧାନଙ୍କ ସହିତ ୩୬ ଗୋଟି ପଂଚାୟତର ସରପଂଚ, ସମିତି ସଭ୍ୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯୋଗ୍ୟ ହିତାଧରକାରୀଙ୍କ ଅସମ୍ପୂର୍ଣ୍ଣ ତାଲିକା ପ୍ରକାଶନକୁ ନେଇ ଆଲୋଚନା ସରଗରମ ହୋଇଥିଲା। ଏବଂ କେଉଁ ଆଧାରରେ ଏହି ଅସମ୍ପୂର୍ଣ୍ଣ ତାଲିକା ପ୍ରକାଶ କରାଯାଇଥିଲା । ସେନେଇ ଗୃହରେ ସରପଂଚ ମାନେ ପ୍ରଶ୍ନ ଉଠାଇଥିଲେ । ସଂକ୍ଷିପ୍ତ ତାଲିକା ପ୍ରକାଶନ ପରିବର୍ତ୍ତେ ବ୍ଲକର ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କ ସମ୍ପୂର୍ଣ୍ଣ ତାଲିକା ପ୍ରକାଶନ ପାଇଁ ବ୍ଲକ ଅଧକ୍ଷକଙ୍କ ନେତୃତ୍ୱରେ ବିଡିଓଙ୍କ ସହିତ ନିର୍ଦ୍ଦିଷ୍ଟ କିଛି ଜନପ୍ରତିନିଧି ଗୁରୁବାର ଦିନ ୧୧ ବେଳେ ଜିଲ୍ଲାପାଳଙ୍କୁ ଭେଟିବାକୁ ନିଷ୍ପତି ନିଆଯାଇଥିଲା । ଅନ୍ୟ ପକ୍ଷରେ ୫ ରାଜ୍ୟ ଅର୍ଥ ସ୍ୱତନ୍ତ୍ର ସହାୟତା (ଗ୍ରାଟଇନ୍‌ଏଡ) ନିୟମ। ନୁଜାଇ ଯେ କୌଣସି ପଂଚାୟତକୁ ଗୋଟିଏ ଥରରେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲେ । ଉକ୍ତ ପଂଚାୟତକୁ ପୂନରର୍ବାର ଏହି ଅର୍ଥ ପ୍ରଦାନ କରାଯିବ ନାହିଁ । କୁନ୍ତୁ ଏହି ଅର୍ଥ କେତେକ ପଂଚାୟତକୁ ଏକାଧିକ ଥର ମଞ୍ଜୁର ହୋଇଥିବା ନେଇ ଦର୍ଶାଇବା ପରେ ଏହାକୁ ସଂଶୋଧନ କରାଯିବ ବୋଲି ନିଷ୍ପତୀତ ଗ୍ରହଣ କରାଯାଇଥିଲା । ଏବଂ ଓ ଡିଶାର ଅନ୍ୟତମ ପ୍ରଶିଦ୍ଧ ଶୈବପୀଠ ଶରଣକୁଳ ଠାରେ ବିଜେ ଲଡୁବାବାଙ୍କ ମନ୍ଦିର ଉନ୍ନୟନ ପାଇଁ ଓ ଏହି ପର୍ଯ୍ୟଟନ ସ୍ଥଳିର ବିକାଶ ଉଦେଶ୍ୟରେ ୫ ରାଜ୍ୟ ଅର୍ଥରୁ ୧୦ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା ଯୋଗାଇ ଦେବା ପାଇଁ ସନ୍ୟାସୀ ପ୍ରଧାନଙ୍କ ପ୍ରସ୍ତାବ ଅନୁସାରେ ସର୍ବ ସମ୍ମତିକ୍ରମେ ମଞ୍ଜୁର ହୋଇଥିଲା । ଅନ୍ୟ ପକ୍ଷରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଓଡିଶା ସରକାରଙ୍କ ତରଫରୁ ବ୍ଲକର ବହୁ ଉଦ୍‌ୟେଗୀ ମାନଙ୍କୁ ୨ କୋଟିରୁ ଉର୍ଦ୍ଧ ଟଙ୍କାର ରିହାତି ପ୍ରଦାନ କରାଯାଇଥିବା ଡ. ଶୁଭକାନ୍ତ ଆଚାର୍ଯ୍ୟ ସମସ୍ତଙ୍କୁ ସୂଚନା ଦେଇଥିଲେ । ଏତଦ ବ୍ୟତିତ ୩୬ ପଂଚାୟତ ପାଇଁ ମାତ୍ର ୪ ଜଣ ଲାଇଫଷ୍ଟକ ଇନସପେକ୍ଟର ରହିଥିବାରୁ କାର୍ଯ୍ୟ ପରିଚାଳନାରେ ବିଳମ୍ବ ହେଉଥିବା ସେ କହିଥିଲେ । ଓଡଗାଁ ବ୍ଲକ ଅଂଚଳର ଭୁତଳ ଜଳ ଧାରଣ କ୍ଷମତା ବୃଦ୍ଧି ନିମନ୍ତେ ଅର୍ଥ ବିନିଯୋଗ ନିମନ୍ତେ ସ୍ୱତନ୍ତ୍ର ଅର୍ଥ ବିନିଯୋଗ କରିବା ପାଇଁ ଭାରପ୍ରାପ୍ତ ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ସଭାକୁ ସୂଚନା ଦେଇଥିଲେ । ଓଡଗାଁ ବ୍ଲକ ମେଗା ପାନୀୟ ଜଳ ଯୋଗାନରେ ଆନୁମାନିକ ୪୭ ହଜାର ୫ଶହ ୮୩ ଜଣକୁ ୭୦ ଲିଟର ଲେଖାଏଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ ଚାଲିଥିବା ସମ୍ପର୍କରେ ସହକାରୀ ଯନ୍ତ୍ରୀ ସୁବାଶ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିବା ସହିତ ଆଗାମୀ ଗ୍ରୀଷ୍ମ ରୁତୁରେ ଜଳକଷ୍ଟ ଦୁରକରିବା ପାଇଁ ଫେବୃୟାରୀ ୩ ସପ୍ତାହ ଠାରୁ ନଳକୂଅ ମରାମତ ପାଇଁ ୨ ଟି ଭାମ୍ୟମାଣ ଦଳ ପ୍ରସ୍ତୁତ କରିବେ ବୋଲି ସମସ୍ତଙ୍କୁ ସୂଚନା ଦେଇଥିଲେ । ଶେଷରେ ଆଜିର ଅଧିବେଶନଟି ଶାନ୍ତି ଶୃଙ୍ଖଳା ସହକାରେ ସମାପ୍ତ ହୋଇଥିବାରୁ ଅଧକ୍ଷ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ସାଧାରଣତନ୍ତ୍ର ଦିବସ ଦ୍ୱିତୀୟ ପ୍ରସ୍ତୁତି ବୈଠକ

**ପୁରୀ:** ପୁରୀ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀ ମାନଙ୍କୁ ପୁରସ୍କୃତ କରାଯିବା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଉପଲକ୍ଷେ ଆଜି ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଦୁଇ ବର୍ଷ ଧରି କୋଭିଡ ପ୍ରଭାବରେ ସମସ୍ତ କାର୍ଯ୍ୟକ୍ରମକୁ କଟକଣା ମଧ୍ୟରେ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ପରିସ୍ଥିତି ଠିକ ଥିବାରୁ ସମ୍ଭବତଃ ଲୋକମାନଙ୍କ ଉପସ୍ଥିତିରେ ଚଳିତ ସାଧାରଣତନ୍ତ୍ର ଦିବସ ପାଳନ କରିବା ।ତେଣୁ ଏହାକୁ ଆକର୍ଷଣୀୟ ଭାବେ ସମସ୍ତ ଙ୍କ ସହଯୋଗ ରେ ପାଳନ କରିବାକୁ ସେ ଆହ୍ୱାନ ଦେଇଥିଲେ ।ସେହିପରି ଜିଲ୍ଲାର ବିଭିନ୍ନ ପ୍ରତିଭା ସମ୍ପର୍ଣ୍ଣ ବ୍ୟକ୍ତି ଓ ଅନୁଷ୍ଠାନ ଯେଉଁ ମାନେ ଆନ୍ତର୍ଜାତୀୟ ଓ ଜାତୀୟ ସ୍ତରରେ ପୁରସ୍କୃତ ହୋଇଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ ସହ ଚୟନ କମିଟି ସହଯୋଗ ରେ ଚୁଡାନ୍ତ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ବହ୍ନିବଳୟରେ କନ୍ୟାସନ୍ତାନ



**ସା**ରା ବିଶ୍ୱରେ ଥିବା ୬୫୦ କୋଟି ଜନସଂଖ୍ୟାର ଅର୍ଦ୍ଧେକ ହେଉଛନ୍ତି ନାରୀ। ଦୁଃଖ ଯେ, ପୁରୁଷଙ୍କ ପରି ସେମାନେ ତ ସମାନ ନ୍ୟାୟ ପାଆନ୍ତି ନାହିଁ , ନ୍ୟାଯ୍ୟ ଅଧିକାର ଭୋଗକରନ୍ତି ନାହିଁ, ଅପରନ୍ତୁ ଶୋଷିତ ଓ ଅତ୍ୟାଚାରିତ ହୁଅନ୍ତି ଏବଂ ଏହାର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅବଶ୍ୟ ସେମାନଙ୍କ ସୁରକ୍ଷା ଦେବାରେ ଏବଂ ଉନ୍ନତିଲେ ବିଭିନ୍ନ ଆଇନ୍ ରାଷ୍ଟ୍ରମାନେ ପ୍ରଣୟନ କରିଛନ୍ତି ଅଥଚ କାର୍ଯ୍ୟ ବା କାରଣକୁ ଏହା କାମରେ ଆସେ ନାହିଁ। ଏ ଦୃଷ୍ଟିରୁ ଏତିକି କୁହାଯାଇପାରେ ଯେ, ଯେଯାଏଁ ଲୋକମାନଙ୍କର ମାନସିକତାରେ ପରିବର୍ତ୍ତନ ନ ଘଟିଛି, ମହିଳାମାନଙ୍କ ଉପରେ ଚାଲିଥିବା ଆକ୍ରମଣ ଓ ଅତ୍ୟାଚାର ହ୍ରାସ ପାଇବା ଅସମ୍ଭବ। ନାରୀମାନଙ୍କ ପ୍ରତି ଚାଲିଥିବା ବଳାତ୍କାର, ଧର୍ଷଣ ଓ ହତ୍ୟାର ମାତ୍ରା ଦିନକୁଦିନ ମାତ୍ରାଧିକ ଭାବରେ ବଢ଼ିଚାଲିଛି । ମିଳିଥିବା ଏକ ରିପୋର୍ଟ ଅନୁସାରେ ୨୦୧୨ରେ ଭାରତରେ ୨୪, ୬୨୩ଟି ବଳାତ୍କାର ଘଟିଥିବା ବେଳେ ଏହି ବଳାତ୍କାର ସଂଖ୍ୟା ୨୦୧୩ ପାଇଁ ହୋଇଛି ୩୩,୭୦୭। ଓଡ଼ିଶାରେ ଏ ସଂଖ୍ୟା ସେହି ସମୟରେ ୧୪୫୮ରୁ ୧୮୩୨କୁ ବୃଦ୍ଧି ପାଇଛି। ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ଗତବର୍ଷ କରିଥିବା ସର୍ଭେ ଅନୁସାରେ ଗତବର୍ଷ ୩୩ ହଜାର ୭୮୯ଟି ମାମଲାମଧ୍ୟରୁ ସର୍ବାଧିକ ମାମଲା ହେଉଛି ଯୌତୁକଜନିତ ହତ୍ୟା। ଏହାର ମାତ୍ରା ହେଉଛି ୧୬.୭%। ସେହିପରି ୨୦୧୧ ତୁଳନାରେ ୨୦୧୩କୁ ଅପହରଣ ମାତ୍ରା ବଢ଼ିଛି ତିନିଗୁଣ। ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀ କନ୍ୟାମାନଙ୍କୁ ନେବା ଏବଂ ପରେ ଧର୍ଷଣ କରି ଦଲାଲ ହାତରେ ଟେକି ଦେବା ଅଥବା ହତ୍ୟା କରିବା ଅପହରଣର ହେଉଛି ଶେଷ ପରିଣତି।

ବିଶ୍ୱ, ବିଶେଷ କରି ଭାରତୀୟମାନଙ୍କର ନାରୀପ୍ରତି ଥିବା ଅସମାନତା ମାନସିକତାର ଅନ୍ୟତମ ଉଦାହରଣ ହେଉଛି କନ୍ୟାଭ୍ରୂଣ ହତ୍ୟା। ଏକ ପରିସଂଖ୍ୟାନ ଅନୁସାରେ ଗତ ୨୦ ବର୍ଷ ମଧ୍ୟରେ ଭାରତର କନ୍ୟାଭ୍ରୂଣ ହତ୍ୟା ସଂଖ୍ୟା ପ୍ରାୟ ଏକ କୋଟୀରୁ ଅଧିକ। ଏହାସବୁ ବେଆଇନ୍ ଗର୍ଭପାତ। ଏହାର ଅର୍ଥ ହେଲା ବେଆଇନ୍ ଭାବେ ସୋନୋଗ୍ରାଫି ଜରିଆରେ ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିରୂପିତ ହେଉଛି। ଏହା ଯଦି କନ୍ୟା, ତାକୁ ସେ ଭ୍ରୂଣରୁ ହତ୍ୟା କରାଯାଉଛି ଏବଂ ତାକୁ ବର୍ଜ୍ୟବସ୍ତୁ ଆକାରରେ କୋଉଠି ଫିଙ୍ଗି ଦିଆଯାଉଛି। ଏମିତି ସବୁ କାରଣକୁ ଶିକାର ହୁଏ ନାରୀ, ହ୍ରାସ ହୁଏ ତା’ ସଂଖ୍ୟା।

ମିଳିତ ଜାତିସଂଘର ବିଶ୍ୱ ଜନସଂଖ୍ୟା ପାଣ୍ଠି (ଡ଼ବ୍ଲୁ.ପି.ଏଫ୍)ର ଚେତାବନୀ ଅନୁସାରେ ପୁରୁଷ-ମହିଳା ସନ୍ତୁଳନରେ ଭାରତ ସବୁଠାରୁ ଦୁର୍ବଳ ରାଷ୍ଟ୍ର। ଯଦି କନ୍ୟା ସନ୍ତାନ ସଂଖ୍ୟା ଏହିପରି ହ୍ରାସ ପାଏ, ତା’ହେଲେ ଭାରତରେ ଭବିଷ୍ୟତରେ ଏକ ସାମାଜିକ ସଂକଟ ଦେଖାଯିବ, ହୁଏତ ଏଥିପାଇଁ ୨୫ଭାଗ ଯୁବକଙ୍କ ପାଇଁ ପାତ୍ରୀ ମିଳିନପାରେ। ଏବେ ତ ଏହି କାରଣରୁ ହରିଆଣା, ରାଜସ୍ଥାନ ଓ ଉତ୍ତରପ୍ରଦେଶ ଇତ୍ୟାଦିରେ ବିବାହ ପାଇଁ ପାତ୍ରୀ ସଂକଟ ଉତ୍ପନ୍ନ ହୋଇଗଲାଣି। ଏପରି କନ୍ୟା ସଂକଟ ଘଟିବାର ଏକ ମୁଖ୍ୟ କାରଣ ଏହି ଯେ, ଯୌତୁକଜନିତ ଆର୍ଥିକ ଦଣ୍ଡରୁ ମୁକ୍ତି ପାଇଁ କନ୍ୟା ଭ୍ରୂଣହତ୍ୟା । ଦୁଃଖ ଯେ, ଏହାକୁ ଏଡ଼ାଇବା ପାଇଁ ଯୌତୁକ ନିରୋଧ ଆଇନ୍, ଭ୍ରୂଣହତ୍ୟା ନିଷେଧ ଆଇନ୍, ପିତାମାତାଙ୍କ ସଂପତ୍ତିରେ ପୁତ୍ରପରି କନ୍ୟାର ସମାନ ଅଧିକାର ଆଇନ୍ ଇତ୍ୟାଦି ଥାଇ ସୁଦ୍ଧା ‘ଯଥା ପୂର୍ବଂ ତଥା ପରଂ’ ନ୍ୟାୟରେ ସବୁକିଛି ଚାଲିଛି।



କେବଳ ଭାରତରେ ନୁହେଁ, ବିଶ୍ୱର ଅନେକ ରାଷ୍ଟ୍ରରେ ମହିଳାଙ୍କ ସ୍ଥିତି ଏପରି ଦୟନୀୟ ଅବସ୍ଥାରେ ଅଛି। କନ୍ୟାଭ୍ରୂଣ ହତ୍ୟାରୋକିବା, ଲିଙ୍ଗଗତ ବୈଷମ୍ୟ ଦୂରେଇବା, ଶିଶୁକନ୍ୟାଙ୍କ ଶିକ୍ଷା, ପୁଷ୍ଟି, ସ୍ୱାସ୍ଥ୍ୟ, ଆଇନ୍‌ଗତ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ବିରୁଦ୍ଧରେ ଦେଖା ଓ ଲିଙ୍ଗଗତ ବୈଷମ୍ୟ, ହିଂସା, ବାଲ୍ୟବିବାହ ପ୍ରଥା ରୋକିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ୧୧ ଅକ୍ଟୋବରକୁ ଆନ୍ତର୍ଜାତିକ କନ୍ୟା ଶିଶୁ ଦିବସ ରୂପେ ୨୦୧୨ଠାରୁ ପାଳିତ ହେଉଛି। ଏହି ଅବସରର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ଆସନ୍ତୁ ଲିଙ୍ଗଗତ ପାର୍ଥକ୍ୟ ଭୁଲିଯିବା। କନ୍ୟାଟିଏ ନୁହେଁ, ଆଗାମୀ କାଲିର ଈଶ୍ୱରୀଙ୍କ ସ୍ଥିତି ପାଇଁ ଯତ୍ନବାନ ହେବା।

——ବିପିନବିହାରୀ ମହାନ୍ତି
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା, ମୋ: ୯୯୩୮୩୪୪୧୩୮

# ବାଲ୍ୟ ବିବାହକୁ ରୋକିଲା ପ୍ରଶାସନ

**ଉମରକୋଟ(ପିଏନ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକରେ ସାକ୍ଷରତା ଓ ସଚେତନତା ଅଭାବରୁ ବାଲ୍ୟ ବିବାହ ଭଳି କଳଙ୍କିତ ପ୍ରଥା ଆଜି ମଧ ବଜାୟ ରହିଛି । ପରମ୍ପରା ନାମରେ ନାବାଳିକା ଝିଅଙ୍କୁ ବିବାହ ବନ୍ଧନରେ ବାନ୍ଧି ଅକାଳରେ ମରଣ ମୁହଁକୁ ଠେଲି ଦେଉଛନ୍ତି ଅନେକ ପିତାମାତା ଓ ସମ୍ପର୍କୀୟ । ଏଭଳି ଏକ ଘଟଣା ବ୍ଲକର କୁର୍ସୀ ପଞ୍ଚାୟତର ଚଚ଼ରାପାରା ଗ୍ରାମରେ ଘଟିବାକୁ ଯାଉଥିବା ସମୟରେ ଏହାକୁ ରୋକିବାରେ ସଫଳ ହୋଇଛି ପ୍ରଶାସନ । ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ମନବୋଧ ଗଣ୍ଡଙ୍କ ପୁଅ ଧନସାୟ ଗଣ୍ଡ(୨୦) କିଛି ଦିନ ତଳେ ଝରିଗାଁ ବ୍ଲକ ପୁପୁଗାଁର ବରାଗୁଡା ଗ୍ରାମର ଖିରମା ମାଝି(୨୧)କୁ ଉଦୁଲିଆ ଆଣି ନିଜ ଘରେ ରଖିଥିଲେ। ଏହି ଖବର ମହିଳା ପରିଦର୍ଶିକା ସରିତା ଜେନାଙ୍କ ହସ୍ତଗତ ହେବା ପରେ ସେ ଏହି ଖବର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ଜଣାଇଥିଲେ ଏବଂ ଏହା ପରେ ଗ୍ରାମରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ଉମରକୋଟ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, କୁର୍ସୀ ପରିଦର୍ଶିକା, ଅଙ୍ଗନବାଡ଼ି କର୍ମୀ, ସମାଜର ମାନ୍ୟଗଣ୍ୟ ବ୍ୟକ୍ତି, ୱାର୍ଡ ମେମ୍ବର, ଗ୍ରାମ ମୁଖ୍ୟ, ଗ୍ରାମବାସୀ, ଏସଏଚ୍‌ଜି ସଭ୍ୟା, କିଶୋର କିଶୋରୀମାନେ ଉପସ୍ଥିତିରେ ନିଷ୍ପତ୍ତି ନିଆଗଲା ଯେ, ଯେଉଁ ଦିନ ପୁଅ ଓ ଝିଅର ବୟସ ୨୧ ବର୍ଷ ହେବା ପରେ ଦୁହିଁଙ୍କ ବିବାହ କରିଦିଆଯିବ। ଏହି ନିଷ୍ପତ୍ତିରେ ଉଭୟ ପରିବାର ଏବଂ ପୁଅ ଝିଅ ରାଜି ହୋଇଥିଲେ। ଫଳରେ ବାଲ୍ୟ ବିବାହକୁ ରୋକାଯାଇ ପାରିଥିଲା।

# ୧୮ ବିସ୍ଥାପିତ ପରିବାରଙ୍କୁ ପଟ୍ଟା ବଣ୍ଟନ କଲା ଜିଲ୍ଲା ପ୍ରଶାସନ



**ନବରଙ୍ଗପୁର(ପିଏନ):** ନବରଙ୍ଗପୁର ଜିଲ୍ଲାର ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳିୟ ଗଣପରିଷଦର ୬୧୩୩ପରିବାର ମଧ୍ୟରୁ ୧୮ ବିସ୍ଥାପିତ ପରିବାରଙ୍କୁ ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳିୟ ଗଣପରିଷଦ ସମ୍ପାଦକ ସୁଧୀର ସୁନାଙ୍କ ନେତୃତରେ ନନ୍ଦାହାଣ୍ଡି ବ୍ଲକ୍ ତହସିଲଦାର ବନମାଳୀ ମେହେରଙ୍କ ଦ୍ୱାରା ପଟ୍ଟାକ୍ଷ ବଣ୍ଟନ କରାଯାଇଥିଲା। ଏହି ଅଞ୍ଚଳର ବୁଡ଼ିଅଞ୍ଚଳୀଆ ପରିବାର ଦୀର୍ଘ ୪୦ବର୍ଷଧରି ରହି ଆସିଥିବା ସମସ୍ୟାଗୁଡ଼ିକୁ ନବରଙ୍ଗପୁର ଜିଲ୍ଲାପାଳ ଡାକ୍ତର କମଳ ଲୋଚନ ମିଶ୍ରଙ୍କୁ ବୁଡିଅଞ୍ଚଳ ବାସୀଙ୍କ ସମସ୍ୟା ଜଣାଇଲାପରେ, ବୁଡ଼ିଅଞ୍ଚଳର ବିସ୍ଥାପିତ ପରିବାରଙ୍କୁ ସ୍ଥାୟୀ କରିବାର ଅଧିକାର ଦେଇଥିବା ଯୋଗୁ ବୋଲି ବୁଡ଼ିଅଞ୍ଚଳୀଆ ବିସ୍ଥାପିତ ପରିବାର ଜିଲ୍ଲାପାଳଙ୍କୁ ଧନ୍ୟବାଦ୍ ଜ୍ଞାପନ କରାଯାଇଛି। ଏହା ସହିତ ଅନ୍ୟାନ୍ୟ ଅନୁସଙ୍ଗିକ ବ୍ୟବସ୍ଥା ଅତିଶୀଘ୍ର କରିବାକୁ ହସକ୍ଷକ୍ଷବ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଇନ୍ଦ୍ରାବତୀ ବୁଡ଼ି ଅଂଚଳ ବିସ୍ଥାପିତ ପରିବାର ସମ୍ପାଦକ ସୁଧୀର କୁମାର ସୁନାଙ୍କ ଓ ଅନେକ ବିସ୍ଥାପିତ ପରିବାର ସଭ୍ୟ ଉପସ୍ଥିତ ଥିଲାବେଳେ, ନନ୍ଦାହାଣ୍ଡି ବ୍ଲକ ତହସିଲଦାର ବନମାଳୀ ମେହେର, ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାୟକ, ରାଜସ୍ୱ ନିରୀକ୍ଷକ ଶ୍ରମତୀ ସୁଚିତ୍ରା ମାଝୀ, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ତେଜକାର ବିଶ୍ୱସରାୟ, କିରାଣୀ ହେନା କଚ୍ଛପ, ସୁପରଭାଇଜର ସୁବାସଦାଶ ଓ କୃତି ସୌରା ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରିଥିଲେ ।

# ଜାତୀୟ ସେବା ଯୋଜନା ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ପଥ ପରିକ୍ରମା

**କାମାକ୍ଷାନଗର(ପିଏନ):** କାମାକ୍ଷାନଗର ଉପଖଣ୍ଡ ଅନ୍ତର୍ଗତ କଙ୍କଡ଼ାହାଡ଼ ଉଚ୍ଚ ମାଧମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ମଙ୍ଗଳବାର ପୂର୍ବାହ୍ନରେ ଏକ ସଡ଼କ ସୁରକ୍ଷା ସଚେତନତା ପଥ ପରିକ୍ରମା ଅନୁଷ୍ଠିତ ହୋଇଯାଇଅଛି । ଜାନୁଆରୀ ୧୧ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପୀ ଚାଲିଥିବା ସଡ଼କ ସୁରକ୍ଷା ସପ୍ତାହ ଶେଷ ଦିନରେ ସ୍ୱେଚ୍ଛାସେବୀ ମାନେ କଙ୍କଡ଼ାହାଡ଼ ଉଚ୍ଚ ମାଧମିକ ବିଦ୍ୟାଳୟ ଠାରୁ ମୁଖ୍ୟ ରାସ୍ତାରେ ବ୍ଲକ ଅତିକ୍ରମ କରି କଙ୍କଡ଼ାହାଡ଼ ଗ୍ରାମ ମଧ ଦେଇ ସଚେତନତା ସ୍ଲୋଗାନ ଦେଇ ଫେରିଥିଲେ । ଅନୁଷ୍ଠାନର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ଝୁନୁ ରାୟ ଏବଂ ପୁର୍ବତନ ଅଧିକାରୀ ଅଧାପକ ପ୍ରେମାନନ୍ଦ ନାୟକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । କଙ୍କଡ଼ାହାଡ଼ ଥାନା ଅଧିକାରୀ ଇନ୍ସପେକ୍ଟର ନିର୍ମଳା ଗଛାୟତ ଏବଂ ସବ- ଇନ୍ସପେକ୍ଟର ବିଷ୍ଣୁପ୍ରିୟା ରଣା ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେବା ସହିତ ହେଲମେଟ ନପିନ୍ଧି ଦୁଇ ଚକିଆ ଯାନ ଚଳାଉଥିବା ଚାଳକ ମାନଙ୍କଠାରୁ ଜରିମାନା ଆଦାୟ କରିଥିଲେ । ଅନୁଷ୍ଠାନର ଅଧକ୍ଷ ପ୍ରସନ୍ନ କୁମାର ସାହୁ ପତାକା ଦେଖାଇ ପଥ ପରିକ୍ରମା କାର୍ଯ୍ୟକ୍ରମର ସୁଭାରମ୍ଭ କରିଥିବା ବେଳେ ଅଧାପକ ଲକ୍ଷ୍ମୀକାନ୍ତ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ ।

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଟାଟା ଷ୍ଟିଲ ମାଇନିଂର ସୁକିନ୍ଦା କ୍ରୋମାଇଟ୍ ଖଣିରେ ଦୃଷ୍ଟିବାଧିତଙ୍କ ପାଇଁ ଆନ୍ତଃ-ରାଜ୍ୟ କ୍ରିକେଟ୍ ମ୍ୟାଚ୍ ଆୟୋଜିତ



ଦାନଗଦୀ,(ସପନ କର),( ପି. ଏନ୍) : ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍ ( ଟିଏସ୍ଏମ୍ଏଲ୍ ) ପକ୍ଷରୁ ଟାଟା ଷ୍ଟିଲ ଫାଉଣ୍ଡେସନ୍ ( ଟିଏସ୍ଏଫ୍ ) ସହଭାଗିତାରେ ବୁଧବାର ଦିନ ଓଡ଼ିଶା ଏକାଦଶ ଓ ଝାଡ଼ଖଣ୍ଡ ଏକାଦଶ ମଧ୍ୟରେ ଦୃଷ୍ଟିବାଧିତଙ୍କ ନିମନ୍ତେ ସବଳ ଆନ୍ତଃ ରାଜ୍ୟ କ୍ରିକେଟ୍ କପ୍ ଆୟୋଜିତ ହୋଇଯାଇଛି । ଓଡ଼ିଶାର ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ?ରେ ଅବସ୍ଥିତ ଟିଏସ୍ଏସ୍ଏଲ୍‌ର ସୁକିନ୍ଦା କ୍ରୋମାଇଟ୍ ? ଖଣି କ୍ୟାମ୍ପସ୍ ମଧ୍ୟରେ ଥିବା ଷ୍ଟିଓ୍ୱାର୍ଟ ସ୍କୁଲ ପଡ଼ିଆରେ ଏକ ୨୦ ଓଭର ବିଶିଷ୍ଟ କ୍ରିକେଟ୍ ମ୍ୟାଚ୍‌ର ଆୟୋଜନ କରାଯାଇଥିଲା । ଓଡ଼ିଶାର ଦୃଷ୍ଟିବାଧିତଙ୍କ କ୍ରିକେଟ ଆସୋସିଏସନ୍ ଏବଂ ଝାଡ଼ଖଣ୍ଡର ଦୃଷ୍ଟିବାଧିତ କ୍ରିକେଟ ଆସୋସିଏସନ୍ ?ର ଖେଳାଳିମାନେ ନିଜର ଅପୂର୍ବ ଦକ୍ଷତା ଓ ଅତୁଳନୀୟ ପ୍ରତିଭା ସହିତ ନିଜର ଉଚ୍ଚକୋଟୀର କ୍ରୀଡ଼ାନୈପୁଣତାର ପ୍ରଦର୍ଶନ ମାଧ୍ୟମରେ ବହୁସଂଖ୍ୟାରେ ଉପସ୍ଥିତ ଦର୍ଶକମାନଙ୍କୁ ରୋମାଞ୍ଚିତ କରିପାରିଥିଲେ । ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ବିଭାଗର ଅଣ୍ଡର ସେକ୍ରେଟେରୀ ସନ୍ନ୍ୟାସୀ ବେହେରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ଖୁସି ବ୍ୟକ୍ତି କରିବା ସହିତ ଟିଏସ୍ଏମ୍ଏଲ୍ ଓ ଟିଏସ୍ଏଫ୍ର ଏହି ପଦକ୍ଷେପକୁ ପ୍ରସଂଶା କରିଥିଲେ । ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍‌ର ଅଧ୍ୟକ୍ଷ ଡି ବି ସୁନ୍ଦରା ରାମମ୍ ବିଜୟୀ ଟିମ୍ ଓଡ଼ିଶା ଏକାଦଶକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଅବସରରେ ସେ କହିଥିଲେ ଯେ , " ଆମେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସଠିକ୍ ଦକ୍ଷତାରେ ସଶକ୍ତ କରିବା ସହିତ ସେମାନଙ୍କୁ ନିଜ ପ୍ରତିଭାର ପ୍ରଦର୍ଶନ ପାଇଁ ସୁଯୋଗ ପ୍ରଦାନ କରିବାକୁ ମିଳିତ ଭାବେ ପ୍ରୟାସ କରିବା ଉଚିତ । ଏହାସହିତ ଟାଟା ଷ୍ଟିଲ ମାଇନିଂ ଓ ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ଏହି ପଦକ୍ଷେପ ଦିବ୍ୟାଙ୍ଗମାନଙ୍କୁ ପ୍ରମୁଖ କ୍ରୀଡ଼ାଗୁଡ଼ିକରେ ଅଂଶଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଙ୍କଜ ସତିକା କହିଥିଲେ ଯେ , " ଏକ ଦାୟିତ୍ୱବାନ ଖଣି କମ୍ପାନୀ ଭାବେ ଟାଟା ଷ୍ଟିଲ ମାଇନିଂ କ୍ରୀଡ଼ା ପ୍ରତିଭା ଚିହ୍ନଟ , ସେମାନଙ୍କ ଦକ୍ଷତାର ବିକାଶ ଓ ସ୍ୱପ୍ନକୁ ସାକାର ପାଇଁ ନିଜର ଉଦ୍ୟମ ଜାରି ରଖୁଛି । ଦିବ୍ୟାଙ୍ଗ ବ୍ୟକ୍ତି ଆମ ସମାଜର ଏକ ଅବିଚ୍ଛିନ୍ନ ଅଂଗ ଏବଂ ଏଭଳି ପଦକ୍ଷେପ ଅନ୍ତର୍ଭୁକ୍ତିକରଣ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । "

# ତନ୍ମୟ ପଣ୍ଡାଙ୍କ ଆରୋଗ୍ୟ ପାଇଁ ୱାର୍ଲଡ ଓଡିଶା ସୋସାଇଟିର ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ




ଭୁବନେଶ୍ୱର/ ନୂଆଦିଲ୍ଲୀ, (ପି.ଏନଣ୍ଟ: ୱାର୍ଲଡ ଓଡିଶା ସୋସାଇଟି (ୱାଓସୋଷ୍ଟ ତର'ରୁ ଡଃ ଚନ୍ମୟ ପଣ୍ଡାଙ୍କର ଆଶୁ ଆରୋଗ୍ୟ କାମନା କରି ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ ଆୟୋଜନ କରାଯାଇଥିଲା। ୱାଓସୋର ଅଧ୍ୟକ୍ଷ କିଶୋର ଦ୍ୱିବେଦୀଙ୍କ ପୌରହିତ୍ୟରେ ଆଭାସୀ ମଞ୍ଚରେ ଅନୁଷ୍ଠିତ ଏହି ବୈଠକରେ ସାରା ପୃଥିବୀର ବିଭିନ୍ନ ଦେଶର ୱାର୍ଲଡ ଓଡ଼ିଶା ସୋସାଇଟିର ସଦସ୍ୟ ଓ ଶୁଭେଚ୍ଛୁ ମାନେ ଯୋଗ ଦେଇଥିଲେ। ୱାଓସୋ ର ପ୍ରକାଶନ ବିଭାଗର ଅତିରିକ୍ତ ସମ୍ପାଦକ, ଟରାଣ୍ଟୋ ସ୍ଥିତ ବିଦ୍ୟା ପବ୍ଲିସିଂ ଇଙ୍କର ପ୍ରତିଷ୍ଠାତା ଓ କାନାଡା ଠାରେ ବ୍ୟବସାୟ ଏବଂ ସାମାଜିକ ଉଦ୍ୟୋଗୀ ବିଭାଗର ପ୍ରାଧ୍ୟାପକ ଡଃ ତନ୍ମୟ ପଣ୍ଡା ନିକଟରେ ମସ୍ତିଷ୍କ ଜନିତ ରୋଗରେ ପୀଡ଼ିତ ହୋଇଥଲେ। ଟରୋଣ୍ଟୋ ସ୍ଥିତ ଏକ ଡାକ୍ତରଖାନାରେ ତାଙ୍କର ମସ୍ତିଷ୍କ ରେ ଅସ୍ତ୍ରୋପଚାର କରାଯାଇଥିଲା। ସେ ଏବେ ଡାକ୍ତରଖାନାରେ ଇଣ୍ଟେନସିଭ୍ କେୟାର ଇଉନିଟରେ ବେହୋସ ଅବସ୍ଥାରେ ଥିବାର ପାରିବାରିକ ସୂତ୍ରରୁ ପ୍ରକାଶ। ୱାଓସୋର ପ୍ରତିଷ୍ଠାତ୍ରୀ ଡକ୍ଟର ଅରୁନ୍ଧତୀ ଦେବୀଙ୍କ ତତ୍ତ୍ୱାବଧାନରେ ୧୦୮ଥର ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ ସମ୍ପନ୍ନ ହୋଇଥିଲା। ଡଃ ଦେବୀଙ୍କ ସହିତ କଟକସ୍ଥିତ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରୀବୃନ୍ଦ ଏବଂ ଉପସ୍ଥିତ ଅଂଶଗ୍ରହଣକାରୀ ମାନେ ଡଃ ପଣ୍ଡାଙ୍କ ସୁସ୍ଥତା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି ମନ୍ତ୍ର ଉଚ୍ଚାରଣ କରିଥିଲେ। ଡଃ ପଣ୍ଡା ଙ୍କର ଅନ୍ତରଙ୍ଗ ବନ୍ଧୁ ଟରୋଣ୍ଟୋ ସ୍ଥିତ ପ୍ରଭୁ ପବ୍ଲିକେଶନ୍‌ର ପ୍ରତିଷ୍ଠାତା ଓ ୱାଓସୋର ବ୍ୟଞ୍ଜନ ବିଭାଗର ସାଧାରଣ ସମ୍ପାଦକ ପ୍ରଶାନ୍ତ ଭୂୟାଁ ଏବଂ ସାହିତ୍ୟିକା ଡଃ ସରୋଜିନୀ ପାଣି ନିକଟ ଅତୀତରେ ଡଃ ପଣ୍ଡା ଙ୍କ ସହିତ ସେମାନଙ୍କର କିଛି ସୁଖଦ ଅନୁଭୂତି ବର୍ଣ୍ଣନା କରିଥିଲେ। ୱାଓସୋର ଉପ ସଭାପତି ରୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।ସମଗ୍ର ମନ୍ତ୍ରପାଠ କାର୍ଯ୍ୟକ୍ରମକୁ ଭୁବନେଶ୍ୱରରୁ ଶ୍ରୀମତୀ ବନୋଜିନୀ ନାୟକ ସଞ୍ଚାଳନ କରିଥିଲେ।ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଦୁବାଇରୁ ସୁଧାଶ୍ରୀ ଦାଶ, ଆମେରିକାରୁ ସଞ୍ଜୟ ଦଳାଇଙ୍କ, ଲଣ୍ଡନରୁ ଡଃ ଜୟଶ୍ରୀ ନନ୍ଦ, ବାହାରିନରୁ ସୁବାସ ସାହୁ, ରେଣୁବାଳା ମିଶ୍ର, ବରଦା ପ୍ରସନ୍ନ ଦାସ, ବନ୍ଦିତା ରାୟ, ସନାତନ ମହାକୁଡ, ସୁବ୍ରତ କୁମାର ରଥ, ଡଃ କିରଣ କୁମାର ପାଣିଗ୍ରାହୀ, ଆୟିଶା ସ୍ୱାଇଁ, ତାପସ ପଣ୍ଡା, ମଧୁସ୍ମିତା ଆଚାର୍ଯ୍ୟ ଓ ଗଣେଷ ପରିଡା ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ନନ୍ଦନ ଦ୍ୱିବେଦୀ ଡିଜିଟାଲ କକ୍ଷକୁ ନିୟନ୍ତ୍ରଣ କରିଥିଲେ।

# ଏବିଭିପି କନ୍ଧମାଳ ତରଫରୁ ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ବିଶାଳ ଛାତ୍ର ସମାବେଶ

କନ୍ଧମାଳ, (ପି.ଏନ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି ), କନ୍ଧମାଳ ତରଫରୁ ଆଜି ଏକ ବିଶାଳ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସହ ସମ୍ପାଦିକା ସଞ୍ଜନା କହଁରଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, କନ୍ଧମାଳ ତରଫରୁ ଜିଲ୍ଲାର ଶିକ୍ଷା, ସୁରକ୍ଷା ଓ ରୋଜଗାର ଦାବିରେ ଏକ ବିଶାଳ ଛାତ୍ର ସମାବେଶ ଆୟୋଜନ କରାଯାଇଛି। ଜିଲ୍ଲାରେ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ସାବତ ପୁଅ ଭଳି ବ୍ୟବହାର କରିଆସୁଛନ୍ତି। ମହାବିଦ୍ୟାଳୟ ଗୁଡିକରେ ଅଧ୍ୟାପକ ମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ଦରକାର। ପ୍ରତିଦିନ ଜିଲ୍ଲାରେ ଝିଅ ମାନେ ବଳାତ୍କାର ଓ ହିଂସାର ଶିକାର ହେଉଛନ୍ତି। ରାଜ୍ୟ ସରକାର କନ୍ଧମାଳ ଜିଲ୍ଲାର ବିଦ୍ୟାର୍ଥୀ ମାନଙ୍କୁ ରୋଜଗାରର ସାଧନ ନଯୋଗାଇ ଗଞ୍ଜେଇ ଚାଲାଣକୁ ପରୋକ୍ଷରେ ସମର୍ଥନ ଦେଇ ସେମାନଙ୍କୁ ଗଞ୍ଜେଇ ଚାଲାଣକାରୀ କରିଦେଇଛନ୍ତି। କନ୍ଧମାଳର ଉଚ୍ଚ ଶିକ୍ଷାର ଏନ୍ତୁଡ଼ି ଶାଳ ଫୁଲବାଣୀ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ପୂରଣ କରିବା ପାଇଁ ସରକାର ଶୀଘ୍ର ବ୍ୟବସ୍ଥା କରନ୍ତୁ। କନ୍ଧମାଳ ଜିଲ୍ଲାର ଆଦିବାସୀ ଆଶ୍ରମ ବିଦ୍ୟାଳୟ ଗୁଡିକରେ ସରକାର ବିଦ୍ୟାର୍ଥୀ ମାନଙ୍କ ସୁରକ୍ଷା ପାଇଁ ଶୀଘ୍ର ବ୍ୟବସ୍ଥା କରନ୍ତୁ ବୋଲି ରାଜ୍ୟ ସହ ସମ୍ପାଦକ ସ୍ୱାଗତ କୁମାର ତ୍ରିପାଠୀ କହିଛନ୍ତି। ସେହିପରି ଜିଲ୍ଲାରେ ନାରୀ ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରରେ ସାମିଲ ଥିବା ଲୋକଙ୍କ ପ୍ରତି ସରକାର କଡା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଆଦିବାସୀ ଛାତ୍ରାବାସରେ ଛାତ୍ରୀ ମାନଙ୍କୁ ଯୌନ ଶୋଷଣ ହେଉଥିବାର ଖବର ପ୍ରତିଦିନ ଖବର କାଗଜରେ ପୃଷ୍ଠା ମଣ୍ଡନ କରୁଛି। ସରକାର ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। କନ୍ଧମାଳ ଜିଲ୍ଲାର ଛାତ୍ରୀ ମାନଙ୍କ ପାଇଁ ସରକାର ଉଚ୍ଚ ଶିକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ ବୋଲି ରାଜ୍ୟ ସହ ସମ୍ପାଦିକା ସଞ୍ଜନା କହଁର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମର ମୁଖ୍ୟ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ ଶିବାଶିଷ ପଣ୍ଡା, ଗଞ୍ଜାମ ବିଭାଗ ସଂଗଠନ ସମ୍ପାଦକ ସୋଭାଗ୍ୟ ମହାନ୍ତି, ଜିଲ୍ଲା ସଂଯୋଜକ ରୁଦ୍ରପ୍ରସାଦ ସେଠି, ଜିଲ୍ଲା ସହ ସଂଯୋଜିକା ରାଜନନ୍ଦିନି ସାହାଣୀ, ରାଜ୍ୟ ଜନଜାତି ଛାତ୍ରୀଙ୍କ ସହ ତଅପୋଇ କହଁର, ଫୁଲବାଣୀ ନଗର ସମ୍ପାଦକ ଅମିତ ବେହେରା, ଗଞ୍ଜାମ ବିଭାଗ ଏସଏଫଏସ୍ ପ୍ରମୁଖ ଦିବ୍ୟରଞ୍ଜନ ଡାକୁଆ, ଅମୀର କହଁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର କହଁର, ଶୁଭମଜ୍ୟୋତି ପ୍ରଧାନ, ସୋମନାଥ ପ୍ରଧାନ, କାଶୀନାଥ ଗଣ୍ଡା, ଜିଲ୍ଲା ଜନଜାତି ଛାତ୍ରୀ ପ୍ରମୁଖ ପଦ୍ମାବତୀ କହଁର, କନ୍ଧମାଳ ସଂଗଠନ ସମ୍ପାଦକ ଟୁକୁନା ମଲ୍ଲିକ ଏବଂ କନ୍ଧମାଳ ଜିଲ୍ଲାର ୨୬ ଟି ମହାବିଦ୍ୟାଳୟରୁ ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ଅପରାଧ ମାମଲରେ ଦୁଇ କଲେଜ ଛାତ୍ର

ସୁବର୍ଣ୍ଣପୁର, , (ପି.ଏନ): ଧରାପଡ଼ିଲେ ଡକାୟତି ଦଳ । ଉଲୁଣ୍ଡା ଥାନା ଅନ୍ତର୍ଗତ ଚଡେଇପଙ୍କ ଛକ ଠାରେ ଏକ ବାଲି ବୋଝେଇ ହାଇୱାର ଚାଳକ ଓ ହେଲପରକୁ ବନ୍ଧୁକ ଦେଖାଇ ଟଙ୍କା ଓ ମୋବାଇଲ ଲୁଟ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ଦୁଇ ନାବାଳକ ସମେତ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟ ଦୁଇ ଜଣ ନାବାଳକଙ୍କୁ ବାଳ ଅପରାଧ ନ୍ୟାୟିକ ବୋର୍ଡକୁ ପଠାଯାଇଛି । ଏନେଇ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ତୋଲାମଣୀ ଭୋଇ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଆଜି ଭୋରରୁ ବାଲି ବୋଝେଇ ହାଇୱା କୃତମେଣ୍ଡା ତେଲ ମିଲକୁ ଯିବା ସମୟରେ ଚାରି ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଗୋଟିଏ ମୋବାଇଲ ଓ ନଗଦ ୬ ହଜାର ପାଂଚ ଶହ ଟଙ୍କା ଲୁଟି ନେଇଥିଲେ । ଘଟଣାସ୍ଥଳରୁ ଗାଡିର ଚାଳକ ଫେରାର ହୋଇଥିବା ବେଳେ ଗାଡିର ହେଲପର ଦୁଃଖୀଶ୍ୟାମଙ୍କ ଠାରୁ ମୋବାଇଲ ସହ ୬ ହଜାର ୫ ଶହ ଟଙ୍କା ଲୁଟିଥିଲେ । ତେବେ ପୁଲିସ ଦୁର୍ବୃତମାନଙ୍କ ଠାରୁ ଗୋଟିଏ ବାଇକ୍, ଗୋଟିଏ ଖେଳଣା ବନ୍ଧୁକ, ଦୁଇଟି ଲାଇଟର, ଦୁଇଟି ମନିପର୍ସ, ଛଅଟି ମୋବାଇଲ ଏବଂ ନଗଦ ଛଅ ହଜାର ପାଂଚଶହ ଟଙ୍କା ଜବତ କରିଥିବା ସୂଚନା ମିଳିଛି । ମୁଖ୍ୟ ଅଭିଯୁକ୍ତ ସୋନପୁରରେ ଦେବାଶିଷ ଖପର ଧୁଆ ଏବଂ କେନ୍ଦୁପାଲିର ସୁମନ୍ତ ମେହେରଙ୍କୁକୋର୍ଟଚାଲାଣ କରାଯାଇଥିବା ବେଳେ ଦୁଇ କଲେଜ ଛାତ୍ରଙ୍କୁ ନାବାଳକ ଅପରାଧ ନ୍ୟାୟିକ କୋର୍ଟରେ ହାଜର କରାଯାଇଥିବା ସୂଚନା ମିଳିଛି।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଛା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।






Bhubaneswar Friday January 20, 2023 ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# ହାତ ଯୋଡି ରାଜନେତାଙ୍କୁ ଷ୍ଟେଜରୁ ଚ଼ାଲି ଯିବାକୁ କହିଲେ ରେସଲର




ନୂଆଦିଲ୍ଲୀ : ଭାରତୀୟ କୁସ୍ତି ମହାସଂଘ ଓ ଏହାର ସଭାପତି ବ୍ରିଜ ଭୂଷଣଙ୍କ ବିରୋଧରେ ବିକ୍ଷୋଭ କରୁଥିବା ଦେଶର ଷ୍ଟାର ରେସଲରମାନେ ରାଜନୀତିରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରିଛନ୍ତି। ସଭାପତି ବ୍ରିଜ ଭୂଷଣ ଓ ସଂଘର ଏକାଧିକ କୋଚ୍ ମହିଳା ରେସଲରମାନଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ କରି ନ୍ୟାୟ ପାଇଁ ପ୍ରାୟ ୨୦୦ ଜଣ କୁସ୍ତିଯୋଦ୍ଧା ଦିଲ୍ଲୀର ଯନ୍ତରମନ୍ତରରେ ବିକ୍ଷୋଭ କରୁଛନ୍ତି।ଆଜି ଏହି ଆନ୍ଦୋଳନରେ ସାମିଲ ହେବାକୁ ବାମପନ୍ଥୀ ନେତା ବ୍ରିନ୍ଦା କରାତ ଯାଇଥିଲେ। କିନ୍ତୁ ତାଙ୍କୁ ବିକ୍ଷୋଭ କରୁଥିବା ରେସଲରମାନେ ହାତ ଯୋଡି ବିକ୍ଷୋଭକୁ ରାଜନୀତିକ ରଙ୍ଗ ନ ଦେବାକୁ ଅନୁରୋଧ କରିଛନ୍ତି। ଏଥିସହ ହାତ ଯୋଡି ବ୍ରିନ୍ଦାଙ୍କୁ ଷ୍ଟେଜରୁ ତଳକୁ ଚ଼ାଲିଯିବାକୁ ଅନୁରୋଧ କରିଛନ୍ତି। ଅଲିମ୍ପିୟାନ ବଜରଙ୍ଗ ପୁନିଆ ହାତଯୋଡି ଅନୁରୋଧ କରିବା ବେଳର ଭିଡିଓ ମଧ ସାମ୍ନାକୁ ଆସିଛି। ଆଜି ବ୍ରିନ୍ଦା ଷ୍ଟେଜ ଉପରକୁ ଆସିବା ବେଳେ ନିଜର ହକ ପାଇଁ ବଜରଙ୍ଗ ପୁନିଆ କିଛି କହୁଥିଲେ। ଏହି ସମୟରେ ସେ ବ୍ରିନ୍ଦାଙ୍କୁ ଦେଖି ହାତ ଯୋଡିଥିଲେ ଓ କହିଥିଲେ ଯେ "ଆପଣ ଦୟା କରି ତଳକୁ ଯାଆନ୍ତୁ। ଆମେ ଆପଣଙ୍କୁ ଅନୁରୋଧ କରୁଛୁ ମାଡାମ୍। ଏହାକୁ ରାଜନୀତିକ ରଙ୍ଗ ଦିଅନ୍ତୁ ନାହିଁ। ଏହା ଆଥଲେଟମାନଙ୍କ ଆନ୍ଦୋଳନ।" ଏହା ଶୁଣି ବ୍ରିନ୍ଦା ଓ ତାଙ୍କ ସାଙ୍ଗରେ ଥିବା କିଛି ନେତା ସ୍ମିତ ହାସ୍ୟ ଦେଇଥିଲେ। ଏଥିସହ ସେମାନେ ତଳକୁ ଚ଼ାଲି ଆସିଥିଲେ।

ଘଟଣା ପରେ ସିପିଆଇଏମର ସାଂସଦ ବ୍ରିନ୍ଦା କହିଛନ୍ତି, "ଆମେ ଯୌନ ନିର୍ଯାତନା ବିରୋଧରେ ଲଢେଇ କରୁଛୁ। ଯେକୌଣସି ବର୍ଗର ମହିଳା ହେଲେ ମଧ ଆମେ ସେମାନଙ୍କ ସହ ରହିଛୁ। ତେଣୁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରି ଏଠାକୁ ଆସିଥିଲୁ।

# ଚ଼ିଲ୍ଲିକୁ ୧୪-୦ରେ ହରାଇଲା ନେଦରଲ୍ୟାଣ୍ଡ




**ଭୁବନେଶ୍ୱର:** କଳିଙ୍ଗ ଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପର ୧୮ତମ ମ୍ୟାଚ୍‌ରେ ନେଦରଲ୍ୟାଣ୍ଡ ଟିମ୍ ଐତିହାସିକ ବିଜୟ ହାସଲ କରିଛି । ପୁଲ ସି'ର ଶେଷ ମ୍ୟାଚ୍‌ରେ ନେଦରଲ୍ୟାଣ୍ଡ ଟିମ୍ ଚ଼ିଲ୍ଲି ବିପକ୍ଷରେ ଏକ ବୃହତ ବିଜୟ ହାସଲ କରିବ ବୋଲି ସମସ୍ତେ ଆଶା ରଖିଥିଲେ । ପରିଣାମ ମଧ ତାହା ହେଲା । ଚ଼ିଲ୍ଲିକୁ ୧୪-୦ରେ ହରାଇ ବିଶ୍ୱକପରେ ନୂଆ ରେକର୍ଡ ସୃଷ୍ଟି କରିଛି ଡଚ୍ ଟିମ୍ । ପ୍ରଥମ ୱାର୍ଲଡ କପ ଖେଳୁଥିବା ଏହି ଦକ୍ଷିଣ ଆମେରିକୀୟ ଟିମ୍‌କୁ ହରାଇ ପୁଲ ସି'ର ଶୀର୍ଷରେ ରହିଛି ନେଦରଲ୍ୟାଣ୍ଡ ।

ବିଶ୍ୱକପ ଇତିହାସରେ ଏହା ସବୁଠୁ ବୃହତ ବ୍ୟବଧାନର ବିଜୟ । ଏହା ପୂର୍ବରୁ ଅଷ୍ଟ୍ରେଲିଆ ନାଁରେ ଏହି ରେକର୍ଡ ଥିଲା । ୨୦୧୦ ମସିହା ସଂସ୍କରଣରେ ଦ.ଆଫ୍ରିକା ଟିମ୍‌କୁ ୧୨-୦ ବ୍ୟବଧାନରେ ହରାଇଥିଲା ଅଷ୍ଟ୍ରେଲିଆ । ଉଲ୍ଲେଖଯୋଗ୍ୟ ଯେ ୨୦୧୦ ମସିହାରେ ଭାରତର ନୂଆଦିଲ୍ଲୀରେ ବିଶ୍ୱକପର ଆୟୋଜନ ହୋଇଥିଲା ।

ନେଦରଲ୍ୟାଣ୍ଡ ଏବଂ ଚ଼ିଲ୍ଲି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ସପ୍ତମ ମିନିଟରେ ନେଦରଲ୍ୟାଣ୍ଡ ଟିମ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲା । ଷ୍ଟ୍ରାଇକର ଜାନସେନ ଟିମ ପାଇଁ କରିଥିଲେ ପ୍ରଥମ ଗୋଲ । ପ୍ରଥମ କ୍ୱାର୍ଟରେ ଡଚ୍ ଟିମ ୧-୦ରେ ଆଗକୁ ରହିଥିଲା । ଦ୍ୱିତୀୟ କ୍ୱାର୍ଟର ଶେଷ ପରେ ଡଚ୍ ଟିମ ୫-୦ରେ ଆଗରେ ରହିଥିଲା । ନେଦରଲ୍ୟାଣ୍ଡ ଏବଂ ଚ଼ିଲ୍ଲି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ସପ୍ତମ ମିନିଟରେ ନେଦରଲ୍ୟାଣ୍ଡ ଟିମ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲା । ଷ୍ଟ୍ରାଇକର ଜାନସେନ ଟିମ ପାଇଁ କରିଥିଲେ ପ୍ରଥମ ଗୋଲ । ପ୍ରଥମ କ୍ୱାର୍ଟରେ ଡଚ୍ ଟିମ ୧-୦ରେ ଆଗକୁ ରହିଥିଲା । ତୃତୀୟ କ୍ୱାର୍ଟର ଶେଷ ପରେ ଡଚ୍ ଟିମ ଏହି ବ୍ୟବଧାନକୁ ୧୧-୦ କରିଥିଲା । ଶେଷ କ୍ୱାର୍ଟରେ ନେଦରଲ୍ୟାଣ୍ଡ ଟିମ୍ ଆଉ ତିନିଟି ଗୋଲ ଦେଇ ଚ଼ିଲ୍ଲିରୁ ୧୪-୦ରେ ହରାଇବାରେ ସଫଳ ହୋଇଥିଲା। ମ୍ୟାଚ୍‌ରେ ଜାନସେନ ୪ଟି ଗୋଲ କରିଥିବା ବେଳେ ଡଚ୍ ଟିମର ଅଧିନାୟକ ବ୍ରିଙ୍କମନ ହ୍ୟାଟ୍ରିକ୍ ମାରିଥିଲେ। ଚ଼ିଲ୍ଲି ଟିମ ମ୍ୟାଚ୍‌ରେ କୌଣସି ଗୋଲ କରିବାରେ ସଫଳ ହୋଇ ନଥିଲା ।

# ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣରେ ଓଡିଶା ଦେଶରେ ଏକ ନମ୍ବର ରାଜ୍ୟ

## ୧୯ ଜିଲ୍ଲାପାଳଙ୍କୁ ମିଳିବ ଜାତୀୟ ପୁରସ୍କାର

ଭୁବନେଶ୍ୱର, (ପିଏନ)-ରାଜ୍ୟରେ ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଓଡ଼ିଶାର ୧୯ ଟି ଜିଲ୍ଲା ଜାତୀୟ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡିଶା ଲ୍ୟାଣ୍ଡ ରେକର୍ଡ୍ସ ମର୍ଡନାଇଜେସନ ସୋସାଇଟି (ଓଏଲଆରଏମଏସ)ର ଗଭର୍ଣ୍ଣିଂ ବଡି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ସଂପର୍କରେ ସୂଚନା ଦିଆଯାଇଛି ।

ଲୋକ ସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ ଯେ ଦେଶରେ ଡିଆଇଏଲଆରଏମପି ଅନ୍ତର୍ଗତ ଛଅଗୋଟି ବର୍ଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମୋଟ ୭୫ ଟି ଜିଲ୍ଲାକୁ ପ୍ଲାଟିନମ ପୁରସ୍କାର ନିମନ୍ତେ ଚୟନ କରାଯାଇଛି । ଏଥି ମଧ୍ୟରୁ ଓଡିଶାର ୧୯ ଟି ଜିଲ୍ଲା ଅନ୍ତର୍ଗତ ହୋଇଥିବା ଏକ ବିଶେଷ ସଫଳତା । ଏହି ସବୁ ଜିଲ୍ଲା ଗୁଡିକର ଜମିଜମା ରେକର୍ଡ କମ୍ପ୍ୟୁଟରୀକରଣରେ କାର୍ଯ୍ୟଦକ୍ଷତା ୯୯ ପ୍ରତିଶତରୁ ଅଧିକ ଥିଲା। ଆଗାମୀ ଦିନରେ ଏହିସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନୂଆଦିଲ୍ଲୀରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ଉତ୍ସବରେ ସମ୍ମାନିତ କରାଯିବ। ପ୍ଲାଟିନମ ପୁରସ୍କାର ନିମନ୍ତେ ବିବେଚିତ ହୋଇଥିବା ଜିଲ୍ଲାଗୁଡ଼ିକ ହେଲେ ଅନୁଗୁଳ, ବୌଦ୍ଧ, ବରଗଡ, ଭଦ୍ରକ, ଦେଓଗଡ,ଢେଙ୍କାନାଳ, ଗଜପତି, ଗଂଜାମ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ନବରଙ୍ଗପୁର, ନୟାଗଡ, ନୂଆପଡା, ରାୟଗଡା ଓ ସମ୍ବଲପୁର। ବର୍ତ୍ତମାନ ହାଇଟେକ ସର୍ଭେ ପାଂଚୋଟି ଜିଲ୍ଲା ଯଥା ଦେବଗଡ, ସୁନ୍ଦରଗଡ, ବଲାଙ୍ଗୀର, ସମ୍ବଲପୁର ଓ ସୁବର୍ଣ୍ଣପୁରରେ କାର୍ଯ୍ୟକାରୀ ହେଉଛି। ଦେବଗଡ ଜିଲ୍ଲାରେ ସର୍ଭେ କାର୍ଯ୍ୟ ଶେଷ ହୋଇଥିଲା ବେଳେ ସୁବର୍ଣ୍ଣପୁର ଜିଲ୍ଲାରେ ଏହି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ସୁନ୍ଦରଗଡ ଜିଲ୍ଲାରେ ସର୍ଭେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ଶ୍ରୀ ସାହୁ ସୂଚନା ଦେଇଥିଲେ। ହାଇଟେକ ସର୍ଭେକୁ ବାକିଥିବା ଜିଲ୍ଲା ଗୁଡିକରେ କାର୍ଯ୍ୟକାରୀ କରିବାକୁ ନିଷ୍ପତି ନିଆଯାଇଛି। ଏ ବାବଦରେ ଓରସାକ ଏକ ସବିଶେଷ ପ୍ରସ୍ତାବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ପଠାଇବାପରେ ଏହା ଉପରେ ନିଷ୍ପତି ଗ୍ରହଣ କରାଯିବ।

ଲାଇସେନ୍ସ ପ୍ରାପ୍ତ ସର୍ଭେୟରମାନଙ୍କୁ ସରକାରୀ ଓ ବେସରକାରୀ ପଲିଟେକନିକ କଲେଜ ସହ ଅନୁବନ୍ଧିତ କରାଯିବା ପରେ ଏକ ତିନି ମାସିଆ ତାଲିମ ପ୍ରଦାନ ବ୍ୟବସ୍ଥା କରାଯାଇ ସାର୍ଟିଫିକେଟ ପ୍ରଦାନ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି। ବୈଠକ ନିମନ୍ତେ ଧାର୍ଯ୍ୟ କାର୍ଯ୍ୟସୂଚୀକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଶଶଧର ନାୟକ ଉପସ୍ଥାପନ କରିଥିଲେ । ଗତଥର ଅନୁଷ୍ଠିତ ହୋଇଥିବା ବୈଠକରେ ସଭାର ନିଷ୍ପତି ଗୁଡିକ ଉପରେ ନିଆ ଯାଇଥିବା ପଦକ୍ଷେପ ସବୁକୁ ଗ୍ରହଣ କରାଯାଇଥିଲା।

ଉକ୍ତ ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ,ବିଧି ବିଭାଗର ପ୍ରମୁଖ ଶାସନ ସଚିବ ଧନେଶ୍ୱର ମଲ୍ଲିକ, ଓରସାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଅର୍ଥ ବିଭାଗର ଅତିରିକ୍ତ ଶାସନ ସଚିବ, ଓକାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ, ବିଏସଏନଲର ଡିଜିଏମ ଓ ଏନଆଇସିର ବରିଷ୍ଠ ପଦାଧିକାରୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଭୂ-ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ମହାପାତ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତାମିଲନାଡୁ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀର କୃଷି ଭବନ ପରିଦର୍ଶନ

### ଓଡ଼ିଶା ସରକାରଙ୍କ ସହିତ ମାଣ୍ଡିଆ ଚାଷ ନିମନ୍ତେ ସହଭାଗିତାର ସମ୍ଭାବନା ନେଇ ଆଲୋଚନା

ଭୁବନେଶ୍ୱର, (ପିଏନ)- ତାମିଲନାଡୁ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପି. ଅମୁଧାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ବୁଧବାର କୃଷି ଭବନ ଆସି ମାଣ୍ଡିଆ ଚାଷ ନିମନ୍ତେ ସହଭାଗିତାର ସମ୍ଭାବନା ସହିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ମାଧ୍ୟମରେ ବିଭିନ୍ନ ଯୋଜନାର ସଫଳ ରୂପାୟନ ସଂପର୍କରେ ଅନୁଧ୍ୟାନ କରିଥିଲେ।

ଏହି ପ୍ରତିନିଧି ମଣ୍ଡଳୀ କୃଷି ଭବନଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଓଡ଼ିଶା ଜୀବିକା ମିଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶ୍ରୀ ମାନସୀ ନିମ୍ଭାଲଙ୍କ ସମେତ ମିଶନ ଶକ୍ତି ବିଭାଗ ଓ ଓଡ଼ିଶା ମିଲେଟ୍ ମିଶନର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ମୃତିକା ଓ ଜଳବାୟୁ ଅନୁକୂଳ ସ୍ଥାନୀୟ କିସମର ମାଣ୍ଡିଆ ଚାଷ ଓ ପାରମ୍ପରିକ ମାଣ୍ଡିଆ ଖାଦ୍ୟର ସଫଳ ପ୍ରସାରପ୍ରଚାର ଦିଗରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କର ମହତ୍ୱପୂର୍ଣ୍ଣ ଉପଲବ୍ଧି ସଂପର୍କରେ କହିଥିଲେ। ଓଡ଼ିଶା ମିଲେଟ୍ ମିଶନର ସଫଳତା ଦିଗରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ମହତ୍ୱପୂର୍ଣ୍ଣ ଭାଗୀଦାରିତା କଥା ଡ. ପାଢ଼ୀ ଉଲ୍ଲେଖ କରିଥିଲେ।

କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ସୂଚନା ପ୍ରଦାନ କରି କହିଥିଲେ ଯେ ଓଡ଼ିଶା ମିଲେଟ୍ ମିଶନ ଦ୍ୱାରା ପ୍ରଥମେ ରାଜ୍ୟର ୭ଟି ଜିଲ୍ଲାର ୩୦ଟି ବ୍ଲକ୍‌ରେ ମାଣ୍ଡିଆ ଚାଷର ଆରମ୍ଭ କରାଯାଇଥିଲା । ଏହା ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାର ୧୭୭ଟି ବ୍ଲକ୍‌କୁ ସଂପ୍ରସାରିତ କରାଯାଇଛି।

ତାମିଲନାଡୁ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଂଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପି. ଆମୁଧା ଓଡ଼ିଶା ମିଲେଟ୍ ମିଶନ ମଡେଲର ଉଚ୍ଚ ପ୍ରଶଂସା କରିବା ସହିତ ତାମିଲନାଡୁ ନିମନ୍ତେ ଏହା ଶିକ୍ଷଣୀୟ ବୋଲି ମତ ଦେଇଥିଲେ । ତାମିଲନାଡୁ ସରକାରଙ୍କ ଏକ ବୈଷୟିକ ଦଳ ଓଡ଼ିଶା ଆସି ମଡେଲ୍ ସଂପର୍କରେ ବିସ୍ତୃତ ଭାବେ ଅନୁଧ୍ୟାନ କରବେ ବୋଲି ସେ ପ୍ରସ୍ତାବ ଦେଇଥିଲେ। ଏଥି ସହିତ ଅଣରାଗି ମିଲେଟ(ଲିଟିଲ୍ ମିଲେଟ୍ ଓ ବର୍ଣ୍ଣୟାର୍ଡ୍ ମିଲେଟ୍ )ର ପ୍ରସାର ନିମନ୍ତେ ଓଡ଼ିଶାକୁ ଉନ୍ନତ ମାନର ବିହନ ଯୋଗାଣ ନିମନ୍ତେ ସହାୟତା କରିବ ବୋଲି କହିଥିଲେ। ଉନ୍ନତ ବିହନ ଯୋଗାଣ କ୍ଷେତ୍ରରେ ତାମିଲନାଡୁ ସହିତ ସହଯୋଗ ପ୍ରସ୍ତାବରେ ଡ. ପାଢ଼ୀ ସମ୍ମତି ପ୍ରକାଶ କରିବା ସହିତ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଏକ ବୈଷୟିକ ଦଳ ତାମିଲନାଡୁ ଗସ୍ତ କରିବ ବୋଲି କହିଥିଲେ। ଏହି ଅବସରରେ ଡ. ପାଢ଼ୀ ପ୍ରତିନିଧିମାନଙ୍କୁ ମିଲେଟ୍ ପ୍ରସ୍ତୁତ ଉପହାର ସାମଗ୍ରୀ, କଫି ଟେବୁଲ୍ ବୁକ୍ ଏବଂ ମିଲେଟ୍ କ୍ୟାଲେଣ୍ଡର ପ୍ରଦାନ କରିଥିଲେ।

ଆଲୋଚନା ପରେ ପ୍ରତିନିଧି ମଣ୍ଡଳୀ କୃଷି ଭବନ ପରିସରରେ ମିଲେଟ୍ ଶକ୍ତି ଆଉଟ୍‌ଲେଟ୍ ବୁଲି ଦେଖିବା ସହିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ସହ ମିଲେଟ୍ ରୁ ପ୍ରସ୍ତୁତ ଖାଦ୍ୟ ସଂପର୍କରେ ପଚାରି ବୁଝିଥିଲେ। ମିଲେଟ୍ ର ପ୍ରଚାରପ୍ରସାର ଦିଗରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଉଦ୍ୟମକୁ ପ୍ରତିନିଧି ମଣ୍ଡଳୀ ଉଚ୍ଚ ପ୍ରଶଂସା କରିଥିଲେ ।

# ପଟିଆ ଦୁଷ୍କର୍ମ ନାବାଳିକା ପିଡୀତାଙ୍କ ପରିବାରକୁ ଭେଟିଲା ବିଜେପି ମହିଳାମୋର୍ଚ୍ଚା ପ୍ରତିନିଧି ମଣ୍ଡଳୀ

**ଭୁବନେଶ୍ୱର,(ପିଏନ)-** ବିଜେପି ମହିଳାମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ୫ଜଣିଆ ପ୍ରତିନିଧି ମଣ୍ଡଳୀ ବୁଧବାର ଦିନ ପଟିଆ ରେଲୱେ ଷ୍ଟେସନ ନିକଟରେ ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକା ଦ୍ୱୟଙ୍କ ପରିବାର ଲୋକଙ୍କ ସହ କଥାହେବା ସହିତ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛି। ରାଜ୍ୟ ସରକାର ମହିଳା ସୁରକ୍ଷା ପ୍ରତି ଯଦି ପଦକ୍ଷେପ ନନିଅନ୍ତି ତାହାଲେ ଆଗାମୀ ଦିନରେ ବିଜେପି ମହିଳାମୋର୍ଚ୍ଚା ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଓଡିଶାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଥିବାବେଳେ ପୋଲିସ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। ବାରମ୍ବାର ମହିଳାଙ୍କୁ ଅପହରଣ, ଦୁଷ୍କର୍ମ ଓ ହତ୍ୟା କରାଯାଉଥିବାରୁ ପୋଲିସ ବିଭାଗର ନିଷ୍କ୍ରିୟତା ଦାଣ୍ଡରେ ପଡି ହାଟରେ ଗଡୁଛି। ପୋଲିସ ବିଭାଗରେ କର୍ମଚାରୀ ନାହାନ୍ତି କହି ପୋଲିସ ଦୋଷ ଠେଲୁଥିବାବେଳେ ନିଜେ ମୁଖ୍ୟମନ୍ତ୍ରୀ ଗୃହ ବିଭାଗର ଦାୟିତ୍ୱ ନେଇ ମହିଳାଙ୍କ ପ୍ରତି ଅନ୍ୟାୟକୁ ଦେଖି ଖୁସି ହେବା ସହ ରାଜ୍ୟବାସୀଙ୍କୁ "ଆପଣମାନେ ଖୁସି ତ ?" ପଚାରିବା ଲଜ୍ଜ୍ୟା ଓ ତାଚ୍ଛଲ୍ୟର ବିଷୟ। ଓଡ଼ିଶାରେ ଏସବୁ କାର୍ଯ୍ୟ ଖୁଲମ ଖୁଲା ହେଉଥିଲେ ବି ରାଜ୍ୟ ସରକାର, କମିଶନରେଟ ପୋଲିସ ଓ ଜିଆରପିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray